## Natural farming / Organic farming related Activities
## Krishi Vigyan Kendra, Boudh



**Method demonstration:** Preparation of *Jeevamrut, Agniastra and Brahmastra* at KVK campus, Boudh



**Training programme** on Natural and Organic farming at KVK campus, Boudh



**Farmers and Farm women adopted** Natural and Organic farming at Kulutakhali village of boudh block, and Chamamal, Nuapada, Hatgaon, Lunibahal village of Harbhanag block.

## ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଉପକ୍ରମଣିକା | ୪ |
| ୨. | ଜୈବିକ କୃଷିର ଲକ୍ଷ୍ୟ ଓ ଉପକାରିତା | ୬ |
| ୩. | ଜୈବିକ କୃଷିର ପ୍ରମୁଖ ଉପାଦାନ | ୭ |
| ୪. | ବିହନ ବିଶୋଧନ ଓ ଉପଚାର | ୭ |
| ୫. | ଜୈବିକ ଶସ୍ୟ ସାଇତା | ୯ |
| ୬. | ମୃତ୍ତିକା ଓ ଜଳ ସଂରକ୍ଷଣ ଏବଂ ପରିଚାଳନା | ୯ |
| ୭. | ଜୈବିକ ଖତ, ଗୋବର ଖତ, କମ୍ପୋଷ୍ଟ | ୧୦ |
| ୮. | ନାଡେପ୍ କମ୍ପୋଷ୍ଟ, ଗୋବର ଗ୍ୟାସ୍ ଖତ | ୧୧ |
| ୯. | ବିଲାତି ଦଳ କମ୍ପୋଷ୍ଟ, କୁକୁଡ଼ା ମଳ ଖତ, ପିଡ଼ିଆ, ଖଜରା ଖତ, ଜିଆଖତ ଓ ଜିଆଜଳ | ୧୨ |
| ୧୦. | ସବୁଜ ସାର, ଜୀବାଣୁ ସାର | ୧୭ |
| ୧୧. | ଆଜୋଲା ଓ ନୀଳ ହରିତ ଶୈବାଳ, ଫସଲ ପର୍ଯ୍ୟାୟ | ୧୯ |
| ୧୨. | ଅନ୍ତଃଫସଲ, ଯନ୍ତା ଫସଲ, ପାର୍ଶ୍ୱ ଫସଲ | ୨୦ |
| ୧୩. | ଲଗାତାର ଚାଷ, ମିଶ୍ରିତ ଚାଷ, ଛାଦିକରଣ, ଅମୃତ ପାଣି | ୨୧ |
| ୧୪. | ପଞ୍ଚଗବ୍ୟ, ପଞ୍ଚଗବ୍ୟ ପ୍ଲସ୍, ଜୀବାମୃତ, ବୀଜାମୃତ | ୨୨ |
| ୧୫. | ତରଳ ଖାଦ୍ୟ ଓ କୀଟନାଶକ, ଲଙ୍କା-ରସୁଣ-ଅଦା-ଧୁଆଁପତ୍ର-ଟିପଲ୍ ଅର୍କ | ୨୪ |
| ୧୬. | ଅଗ୍ନିଶସ୍ତ୍ର, ଗୋମୂତ୍ର ଓ ଦହି, ହାଣ୍ଡି ଖତ | ୨୫ |
| ୧୭. | ଜୈବିକ କୃଷିରେ ତୃଣକ ଓ ରୋଗପୋକ ପରିଚାଳନା, ଆଲୋକ ଯନ୍ତା, ଅଠାଳିଆ ଯନ୍ତା | ୨୬ |
| ୧୮. | ବାଉଁଶ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା | ୨୭ |
| ୧୯. | ଦେଶୀୟ ପଦ୍ଧତି ଦ୍ୱାରା ରୋଗପୋକ ନିୟନ୍ତ୍ରଣ | ୩୦ |
| ୨୦. | ପରମ୍ପରାଗତ କୃଷି ବିକାଶ ଯୋଜନା (ପି.କେ.ଭି.ୱାଇ) | ୩୧ |

# ଜୈବିକ କୃଷି କୌଶଳ

**ଉପକ୍ରମଣିକା:**

ପୁରାତନ କାଳରୁ ପାରମ୍ପରିକ ଚାଷ ପଦ୍ଧତିରେ ବିଭିନ୍ନ ଫସଲର ଚାଷ ଓ ଉଦ୍ୟାନ କୃଷି କାର୍ଯ୍ୟ କରାଯାଉଥିଲା । ତାହା ପ୍ରକୃତିର ସମ୍ବଳକୁ ଦୀର୍ଘସ୍ଥାୟୀ କରି ମୃତ୍ତିକାର ଉର୍ବରତା ଓ କୃଷି ଉତ୍ପାଦନକୁ ଚିରପୋଷ୍ୟମାନ କରୁଥିଲା । ସବୁଜ ବିପ୍ଳବର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ସମୟରେ ଅଧିକ ମାତ୍ରାରେ ରାସାୟନିକ ପଦାର୍ଥର ପ୍ରୟୋଗ ଦରକାର ପଡ଼ିଲା । କାଳକ୍ରମେ ରାସାୟନିକ ପଦାର୍ଥ ସବୁର ପ୍ରତିକ୍ରିୟାସ୍ୱରୂପ ମୃତ୍ତିକା ରୁଗ୍ଣ ଓ ପରିବେଶ ଅସନ୍ତୁଳିତ ହୋଇଯାଇଚି । ବର୍ତ୍ତମାନ ସମୟରେ ଯଥେଷ୍ଟ ସାର ପ୍ରୟୋଗ କଲେ ସୁଦ୍ଧା ଫସଲ ଭଲ ହେଉନାହିଁ । ମୃତ୍ତିକା ଅମ୍ଳୀୟ ହୋଇ ଜଳ ଧାରଣକ୍ଷମତା ହରାଇଛି ଓ ଫସଲରେ ଅଣୁସାରର ଅଭାବ ଦେଖାଯାଉଛି । ଦୂଷିତ ପାଣି, ଖାଦ୍ୟ ଓ ପରିବେଶରେ ରହି ମନୁଷ୍ୟ ତଥା ପ୍ରାଣୀମାନେ ରୋଗଗ୍ରସ୍ତ ହେଉଛନ୍ତି ।

ଆହୁରି ମଧ୍ୟ ମାଟିକୁ ଜୀବନ୍ତ ଓ ଉର୍ବର ରଖିବାରେ ସାହାଯ୍ୟ କରୁଥିବା ବିଭିନ୍ନ ଉପକାରୀ ଜୀବାଣୁ ଓ ଜୀବ ଯଥା-ଫିମ୍ପି, ବୀଜାଣୁ, ପରଜୀବି, ପରଭୋଜୀ, ପରାଶ୍ରୟୀ, ଜିଆ, ବେଙ୍ଗ, ବୁଢ଼ୀଆଣୀଙ୍କର ସଂଖ୍ୟା ହ୍ରାସ ପାଉଛି । ମାଟି, ଫସଲ ସହାୟକ ନ ହେବାରୁ ଉତ୍ପାଦନ ଆଶାନୁରୂପ ହୋଇପାରୁନାହିଁ । ଫସଲରେ ରୋଗପୋକ ସଂକ୍ରମଣ ଓ ସମ୍ଭାବନା ବଢ଼ି ଚାଲିଛି । ଏପରିକି ବିଭିନ୍ନ ଫିମ୍ପିନାଶକ ଓ କୀଟନାଶକ ପ୍ରୟୋଗ କରି ମଧ୍ୟ ରୋଗପୋକକୁ ସହଜରେ ନିୟନ୍ତ୍ରଣ ଉକରାଯାଇପାରୁ ନାହିଁ । ବାୟୁମଣ୍ଡଳୀୟ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି, ଅନିୟମିତ ବୃଷ୍ଟିପାତ, ସେସବୁ ଅବୁବିଧାକୁ ବଢ଼ିବାରେ ସହାୟକ ହେଉଛି । ରାସାୟନିକ ପଦାର୍ଥ ପ୍ରୟୋଗରୁ ଉତ୍ପାଦିତ ଶସ୍ୟ, ଡାଲି, ତୈଳଜୀବ, ପନିପରିବା ଓ ଫଳ ଆଦିର ସ୍ୱାଦ ଓ ଗୁଣ ଭଲ ନଥାଇ ଦୀର୍ଘକାଳୀନ ସାଇତା ହେଉନାହିଁ । ଉତ୍ପାଦନ ଜନିତ ଖର୍ଚ୍ଚ ବଢ଼ିବା ହେତୁ ଲାଭ କମ୍ ହେଉଛି ।

ଜୈବିକ କୃଷିର ମୂଳତତ୍ତ୍ୱ ଏକ ଜୀବନ୍ତ ପ୍ରାଣୀ ପରି ଯେଉଁଥିରେ ମୃତ୍ତିକା, ଉଦ୍ଭିଦ, ପ୍ରାଣୀ, ପୋକ, କୃଷକ ଏବଂ ସ୍ଥାନୀୟ ବିଷୟ ପରସ୍ପର ସହ ଜଡ଼ିତ ହୋଇଥାନ୍ତି । ପରିବେଶର ସୁରକ୍ଷା, ପ୍ରାକୃତିକ ସମ୍ବଳର ପୁନଃ ଉପଯୋଗ କରି ଖାଦ୍ୟର ଗୁଣାତ୍ମକ ବିଚାର ତଥା ବଜାରର



ଚାହିଦାନୁଯାୟୀ କୃଷିକୁ ପ୍ରସ୍ତୁତ କରୁଥିବା ଶକ୍ତିଶାଳୀ କୃଷି ବୈଷୟିକ ବ୍ୟବସ୍ଥାକୁ 'ଜୈବିକ ଚାଷ' କୁହାଯାଏ ।

**ଏହି ବ୍ୟବସ୍ଥା-** ✦ ଜୈବ ବିବିଧତାରେ ବୃଦ୍ଧି ଘଟାଇଥାଏ । ✦ ମୃତ୍ତିକାରେ ଜୈବିକ କ୍ରିୟାଶୀଳତା ବୃଦ୍ଧି କରିଥାଏ । ✦ ଉଦ୍ଭିଦଜ ଓ ପ୍ରାଣୀଜ ବର୍ଜ୍ୟବସ୍ତୁକୁ ପୁନ ।ଚକ୍ର ଜରିଆରେ ବ୍ୟବହାର ସାପେକ୍ଷ କରି ମୃତ୍ତିକାକୁ ଖାଦ୍ୟସାର ରୂପେ ଯୋଗାଇଥାଏ । ✦ ସ୍ଥାନୀୟ କୃଷି ବ୍ୟବସ୍ଥାରେ ନବୀକରଣୀୟ ସମ୍ବଳ ଉପରେ ନିର୍ଭର କରିଥାଏ । ✦ ମୃତ୍ତିକା, ଜଳ ଓ ବାୟୁର ସୁସ୍ଥ ବ୍ୟବହାରକୁ ଉତ୍ସାହିତ କରିବା ସହ କୃଷି ଅଭ୍ୟାସ ବା କାର୍ଯ୍ୟଗୁଡ଼ିକର ଉତ୍ପନ୍ନ ସମସ୍ତ ପ୍ରକାର ପ୍ରଦୂଷଣକୁ ସର୍ବନିମ୍ନ କରାଇଥାଏ । ✦ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ରୋଗପୋକ ନିୟନ୍ତ୍ରଣ କରିଥାଏ । ✦ ଏହାଦ୍ୱାରା ଉତ୍ତମ, ସୁସ୍ୱାଦୁ ଓ ଜୀବସାର ପରିପୂର୍ଣ୍ଣ ଖାଦ୍ୟ ସାମଗ୍ରୀ ଉତ୍ପାଦିତ ହୋଇଥାଏ, ଯାହା ଆମ ଶରୀରକୁ ସୁସ୍ଥ ରଖିଥାଏ ।

**ଜୈବିକ କୃଷିର ଲକ୍ଷ୍ୟ:**

ମୃତ୍ତିକାର ସ୍ୱାସ୍ଥ୍ୟ, କମ୍ ଖର୍ଚ୍ଚ, ଉତ୍ତମ ଖାଦ୍ୟ ଉତ୍ପାଦନ ଓ ଜୈବ ଉତ୍ପାଦଗୁଡ଼ିକର ଅଧିକ ମୂଲ୍ୟ ପାଇ କୃଷକର ଆର୍ଥିକ ସ୍ଥିତିରେ ଉନ୍ନତି ଆଣି ସନ୍ତୁଳିତ ବାତାବରଣ ସୃଷ୍ଟି କରିବା ଫଳରେ ଜୈବିକ ପଦାର୍ଥର ପଚନ ଓ ପୁନଃ ବିବିଯୋଗ, ଖତ ଓ ଜୀବାଣୁ ସାରର ପ୍ରୟୋଗ, ଫସଲ ପର୍ଯ୍ୟାୟ ଅବଲମ୍ବନରେ ଜୈବକ ଚାଷ ଦ୍ୱାରାନ୍ୱିତ ହେବା ସହ ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକଗୁଣରେ ଯୁକ୍ତାତ୍ମକ ପରିବର୍ତ୍ତନ ଘଟିଥାଏ ଏବଂ ସଦା ଉତ୍ପାଦନକ୍ଷମ ହୋଇଥାଏ । ଉପଯୋଗୀ ଦେଶୀୟ ଓ ପାରମ୍ପରିକ କୌଶଳଗୁଡ଼ିକର ଉପଯୁକ୍ତ ବ୍ୟବହାର କରାଯାଏ । ପ୍ରକୃତିର ବିବିଧତାକୁ ବଜାୟ ରଖି ସମନ୍ୱିତ ଓ ସର୍ବେକ୍ଷଣଭିତ୍ତିକ ରୋଗପୋକ ପରିଚାଳନା ମାଧ୍ୟମରେ, କୃଷି ବିତବ୍ୟୟୀ ଓ ନିରାପଦ ହୋଇଥାଏ । ପରିବାର ସଦସ୍ୟଙ୍କ ନିୟୋଜନ ଓ ଅଧିକ କାର୍ଯ୍ୟଦିବସ ସୃଷ୍ଟିକରିବାରେ ସହାୟକ ହୋଇଥାଏ ।

ମାଟିରେ ଥିବା ଜୈବାଂଶ ଦ୍ୱାରା ମୃତ୍ତିକା ହାଲୁକା ରହି ଅଧିକ ଜଳ ଧାରଣ କରିଥାଏ ଓ ସହଜରେ ଜଳ ନିଷ୍କାସିତ ହୋଇଥାଏ । ମୃତ୍ତିକା ବାନ୍ଧି ହୋଇ ରହିବାକୁ ମୃତ୍ତିକାର କ୍ଷୟ ସହଜରେ ହୋଇନଥାଏ । ଉପକାରୀ ଜୀବାଣୁ ଓ କୀଟମାନଙ୍କର ବଂଶ ବୃଦ୍ଧିରେ ସାହାଯ୍ୟ କରିଥାଏ ।

**ଜୈବିକ କୃଷିର ଉପକାରିତା:**

ଏହା ବିବିଧ । ଜୈବସାରଓ ଜୀବାଣୁସାର ଧୀରେଧୀରେ ପୋଷକଗୁଡ଼ିକୁ ଉଦ୍ଭିଦର ଦରକାର ଅନୁଯାୟୀ ଯୋଗାଇଥାଏ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ନଥାଏ । ରାସାୟନିକ ପଦାର୍ଥ ବଦଳରେ କ୍ଷେତ ବା ବାଡ଼ିବଗିଚାର ବର୍ଜ୍ୟବସ୍ତୁ ଓ ଅନ୍ୟ ପ୍ରାକୃତିକ ସମ୍ବଳର ବ୍ୟବହାର ଦ୍ୱାରା ହିଁ ସମଗତିଶୀଳ ବା ଚିରନ୍ତନ କୃଷି ସମ୍ଭବ ।

ଅଣଜୈବିକ ରାସାୟନିକ କୃଷି ଦ୍ୱାରା ଉପୁଜୁଥିବା ସମସ୍ୟାଗୁଡ଼ିକୁ ଏଡ଼ାଇବା ଲକ୍ଷ୍ୟ ନେଇ ଜୈବିକ ଚାଷ ଲୋକପ୍ରିୟ ହେବାରେ ଲାଗିଛି । କାରଣ, ଜୈବିକ ଚାଷ ବେଶ୍ ଉପକାରୀ, ପରିବେଶ ଅନୁକୂଳ, ଜନସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନକାରୀ, ଦୀର୍ଘସ୍ଥାୟୀ, ଲାଭଜନକ, ପ୍ରଦୂଷଣମୁକ୍ତ, ଜୈବ ବିବିଧତା ଓ ଖାଦ୍ୟ ସୁରକ୍ଷାରେ ବିଶେଷ ସହାୟକ ହୋଇଥାଏ ।

ଆମ ରାଜ୍ୟରେ ଜୈବିକ କୃଷି କ୍ଷେତ୍ରରେ ଯଥେଷ୍ଟ ସୁବିଧା, ସୁଯୋଗ ରହିଛି । ଆଭ୍ୟନ୍ତରୀଣ ଜିଲ୍ଲା- ଫୁଲବାଣୀ, କୋରାପୁଟ, କନ୍ଧମାଳ ଆଦି ଜିଲ୍ଲାରେ ରାସାୟନିକ ସାର ପ୍ରୟୋଗ ନକରି ପ୍ରଥମରୁ ଜୈବିକ ଚାଷ ହୋଇଆସୁଛି । ହଳଦୀ, ଅଦା, ସୋରିଷ ପରି ଫସଲର ଜୈବିକ ଚାଷ ବେଶ୍ ଲୋକପ୍ରିୟ । ଫୁଲ, ଫଳ, ପନିପରିବା, ମସଲା, ଡାଲି ଓ ଅନ୍ୟ ଅର୍ଥକରୀ ଫସଲ ଜୈବିକ ପଦ୍ଧତିରେ ଚାଷ କରି ତାହାର ଚାହିଦା ବଢ଼ିଛି । ଆମ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ଜୈବିକ ଚାଷ ପ୍ରତି ଆଗ୍ରହ ବଢ଼ିଚାଲିଛି । ଓମ୍ଫେଡ୍ ଓ ଓରମାସ୍ ଭଳି ସରକାରୀ ସଂସ୍ଥା ଏବଂ 'ପରମ୍ପରାଗତ କୃଷି ବିକାଶ ଯୋଜନା' (ପି.କେ.ବି.ୱାଇ), ମାଧ୍ୟମରେ ପନିପରିବା, ଫଳ, ଫୁଲ, ମସଲା ଓ ଅନ୍ୟାନ୍ୟ ଫସଲର ଜୈବିକ ଚାଷ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି । କେତେକ ବେସରକାରୀ ସଂସ୍ଥା ମଧ୍ୟ ଚକ ଚିହ୍ନଟ କରି ସାମୂହିକ ସ୍ତରରେ ଚାଷୀମାନଙ୍କୁ ସଙ୍ଗଠିତ କରି ଜୈବିକ ଫସଲର ଉତ୍ପାଦ ଉତ୍ପାଦନ କରି ବିଭିନ୍ନ ରାଜ୍ୟ ଓ ବିଦେଶକୁ ପଠାଇବା କାର୍ଯ୍ୟରେ ଲାଗିଛନ୍ତି । ବଜାର ଚାହିଦା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଏହା ସତ୍ୟ ଯେ ପ୍ରଥମ ୨-୩ ବର୍ଷ ଅଜୈବିକ ତୁଳନାରେ ଜୈବ ଚାଷରେ ଅମଳ କିଛି ହ୍ରାସ ପାଇପାରେ । ଜଣେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପକ୍ଷେ ଏହା କଷ୍ଟକର । ଗୋଷ୍ଠୀ ମଧ୍ୟରେ ଜଣେ ଠକିଲେ ଅନ୍ୟମାନେ ଅସୁବିଧାରେ ପଡ଼ିଥାଆନ୍ତି । ଚାଷରେ ବ୍ୟବହୃତ ଉପାଦାନ ଓ ଜମିର ବିବରଣୀ ଲେଖିବା ଦରକାର ପଡ଼ିଥାଏ । ଜୈବ ଚାଷରେ ଅଧିକ ଶ୍ରମିକ ଦରକାର



ପଡ଼ିଥାଏ । ଆମ ରାଜ୍ୟରେ ଜୈବିକ ଫସଲର ଉତ୍ପାଦ ବିକ୍ରିପାଇଁ ବଜାର ସେତେ ଉନ୍ନତ ହୋଇନାହିଁ । କିନ୍ତୁ ପ୍ରତିବର୍ଷ ଜୈବିକ କୃଷି ଉତ୍ପାଦର ଚାହିଦା ବଢ଼ିଚାଲିଛି ।

**ଜୈବିକ କୃଷିର ପ୍ରମୁଖ ଉପାଦାନ:**

୧) ମୃତ୍ତିକା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜୈବିକ ଖତ- ଗୋବର ଖତ, କମ୍ପୋଷ୍ଟ, ନାଡେପ୍ କମ୍ପୋଷ୍ଟ, ବିଲାତିଦଳ କମ୍ପୋଷ୍ଟ, ଗୋବର ଗ୍ୟାସ ଖତ, ପିଡ଼ିଆ, କୁକୁଡ଼ା ମଳ ଖତ, ଖଜରା ଖତ ଆଦି; ୨) ସବୁଜ ସାର, ୩) ଜୀବାଣୁ ସାର (ରାଇଜୋବିୟମ୍, ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲମ୍, ଫସ୍ଫରସ୍ ଦ୍ରବୀଭୂତକାରୀ ବୀଜାଣୁ (ପି.ଏସ୍.ବି.), ୪) ଆଜୋଲା ଓ ନୀଳ ହରିତ୍ ଶୈବାଳ, ୫) ଜିଆ ଖତ (ଭର୍ମି କମ୍ପୋଷ୍ଟ), ୬) ଜିଆ ଜଳ (ଭର୍ମି ୱାସ୍), ୭) ଘାସ ପରିଚାଳନା, ଛାଦିକରଣ ବାଆବରଣ ଫସଲ, ଫସଲ ସଂରକ୍ଷଣ, ୮) ସୁରକ୍ଷା ସମ୍ବନ୍ଧୀୟ (ପଞ୍ଚଗବ୍ୟ, ପଞ୍ଚଗବ୍ୟ ପ୍ଲସ୍, ଜୀବାମୃତ, ବୀଜାମୃତ, ତରଳ ଖାଦ୍ୟ ଓ କୀଟନାଶକ, ଅମୃତ ପାଣି, ଅଗ୍ନିଶସ୍ତ୍ର, ହାଣ୍ଡିଖତ, ଗୋମୂତ୍ର ଓ ଦହି ବ୍ୟବହାର କରି ପୋକ ନିୟନ୍ତ୍ରଣ ଲାଗି ଅନ୍ୟାନ୍ୟ ଯନ୍ତା ବ୍ୟବହାର କରି ରୋଗପୋକ ପରିଚାଳନା, ୯) ମିଶ୍ରତ କୃଷି, ୧୦) ଫସଲ ପର୍ଯ୍ୟାୟ, ଅନ୍ତଃଫସଲ, ଯନ୍ତା ଫସଲ, ପାର୍ଶ୍ୱ ଫସଲ, ଲଗାତାର ଚାଷ, ୧୧) ଜୈବିକ ବିହନର ବ୍ୟବହାର, ୧୨) ମୃତ୍ତିକା ଓ ଜଳ ସଂରକ୍ଷଣ ଏବଂ ପରିଚାଳନା ।

ସାମଗ୍ରିକ ଭାବରେ କହିବାକୁ ଗଲେ ଉତ୍ତମ ଗୁଣବତ୍ତା ବିଶିଷ୍ଟ ବିହନ, ଉତ୍ତମ ସ୍ୱାସ୍ଥ୍ୟଯୁକ୍ତ ମୃତ୍ତିକା ଓ ମୃତ୍ତିକା ସଂରକ୍ଷଣ, ଜୈବିକ ଖତ, ଜୀବାଣୁ ସାର, ଫସଲ ଚକ୍ର, ମିଶ୍ରିତ କୃଷି, ଜଳର ସୁବ୍ୟବହାର, ଘାସ ପରିଚାଳନା, ଛାଦିକରଣ, ଆବରଣ ଫସଲ ତଥା ଆବଶ୍ୟକୀୟ ଫସଲ ସଂରକ୍ଷଣ ଓ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ବ୍ୟବହାର କରି ପରିବେଶକୁ ସୁରକ୍ଷା ଯୋଗାଇବା ସହିତ ଉତ୍ତମ ଫସଲ ଓ ଆଶାନୁରୂପ ଜୈବିକ କୃଷି ଉତ୍ପାଦ ପାଇଁ କୃଷକ ସଂଶୟ ନ ରଖି ଚିରନ୍ତର କୃଷି ସଫଳତାର ସହ କରିପାରିବେ ।

**ବିହନ ବିଶୋଧନ ଓ ଉପଚାର:**

କ) ୫ ଗ୍ରାମ ଟ୍ରାଇକୋଡର୍ମା / ସୁଡୋମୋନାସ୍ ସହ ୨୦ ଗ୍ରାମ କରି ଆଜୋଟୋବ୍ୟାକ୍ଟର / ଆଜୋସ୍ପିରିଲମ୍ / ରାଇଜୋବିୟମ୍ କଲଚର୍ କି.ଗ୍ରାମ. ମଞ୍ଜି ପ୍ରତି ମିଶାଇ ସେହି ମିଶ୍ରଣରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ବିହନ ବୁଣିବା ଆବଶ୍ୟକ ।

ଖ) ୧ ଲିଟର ଗୋମୂତ୍ରକୁ ୧୦ ଲିଟର ପାଣିରେ ମିଶାଇ ସେଥିରେ ବିହନକୁ ମାତ୍ର ୧୫

ମିନିଟ୍ ବୁଡ଼ାଇ ରଖି ଛାଣି ଛାଇରେ ଶୁଖାଇବା ପରେ ବୁଣାଯାଏ ।

**ଜୈବିକ ବିହନ ଉତ୍ପାଦନ:**

ଯେକୌଣସି ବିହନକୁ ବୁଣିବା ପୂର୍ବରୁ ଜୈବ ବିଶୋଧକ ଦ୍ୱାରା ବିଶୋଧନ କରାଯାଏ । ମଧ୍ୟମ ବର୍ଷା ଓ ମଧ୍ୟମ ଶୁଷ୍କାଞ୍ଚଳରେ ଜୈବିକ ଖାଦ୍ୟସାର ପ୍ରୟୋଗ କରାଯାଏ । କିସମ କିସମ ମଧ୍ୟରେ ବିଲଗନ ଦୂରତା ରଖି ବର୍ଷାଦିନ ବଦଳରେ ଶୀତ ବା ଗ୍ରୀଷ୍ମ ଋତୁରେ ଜୈବିକ ବିହନ ଉତ୍ପାଦନ କରିବା ଭଲ ।

ଶେଷ ଓଡ଼ି ଚାଷ ସମୟରେ ଏକର ପ୍ରତି ପ୍ରଥମ ୨ ବର୍ଷ ୨୫ ରୁ ୩୦ କ୍ୱିଣ୍ଟାଲ ଖତ ବା କମ୍ପୋଷ୍ଟ ସହ ୫ କ୍ୱିଣ୍ଟାଲ ଜିଆ ଖତକୁ ମାଟିରେ ମିଶାଇ ଦିଆଯାଏ । ସେହି ସମୟରେ ଏକର ପ୍ରତି ୧-୨ କ୍ୱିଣ୍ଟାଲ ନିମ୍ବ ବା କରଞ୍ଜ ପିଡ଼ିଆ ସହ ୨ କି.ଗ୍ରାମ. କରି ଜୀବାଣୁ ସାର ଯଥା- ଅଜୋଟେବ୍ୟାକ୍ଟର / ଆଜୋସ୍ପିରିଲମ୍ ଏବଂ ଟ୍ରାଇକୋଡର୍ମା / ସୁଡ଼ୋମୋନାସ୍‌କୁ ଖତ ସହ ମିଶାଇ ଦେଲେ ଭଲ ।

ଫସଲ ବୃଦ୍ଧିଠାରୁ ଆରମ୍ଭ କରି କେଣ୍ଡାର କ୍ଷୀର ଢ଼ୋକିବା ଅବସ୍ଥା ପର୍ଯ୍ୟନ୍ତ ଜୈବ କୀଟନାଶକ ଓ ବୃଦ୍ଧି କାରକ ଯଥା- ପଞ୍ଚଗବ୍ୟ / ଜୀବାଣୁ ସାର / ନିମ୍ବ ତେଲ / ଗୋମୂତ୍ର / ଜୀବାମୃତ / ଜିଆଜଳକୁ ଉପଯୁକ୍ତ ମାତ୍ରାର ଦ୍ରବଣ ପ୍ରସ୍ତୁତ କରି ଫସଲରେ ସିଞ୍ଚନ କରି ଉତ୍ତମ ଫସଲ ପାଇବା ସହ ରୋଗପୋକ ସଂକ୍ରମଣରୁ ସୁରକ୍ଷା ଦିଆଯାଏ । ବିହନ ଅମଳ ଯଥା ସମୟରେ କରି ସଫା ଓ ଶୁଖେଇବା ପରେ ପରିଷ୍କାର ବସ୍ତାରେ ପବନ ଆତଯାତ ସ୍ଥାନରେ ରଖାଯାଏ, ଯେପରିକି ଅନ୍ୟ ଅଜୈବିକ ପଦାର୍ଥ ସହ ମିଶି ନଯାଏ । ଖୁବ୍ ଟାଣ ଖରାରେ ବିହନକୁ ଶୁଖାଇଲେ, ଗଜା ଶକ୍ତି କମିଯାଏ ।

ପନିପରିବା ଓ ଅଳ୍ପ ମଞ୍ଜି ଦରକାର ପଡୁଥିବା ଅଧିକ ମୂଲ୍ୟଯୁକ୍ତ ବିହନକୁ ମଟ୍ର ଠୋଲାରେ ରଖି ରୋଷେଇ ଘରେ ଟାଙ୍ଗି ସାଇତି ରଖାଯାଇପାରେ । ସାଇତିବା ସମୟରେ ଭଲ ଭାବେ ଶୁଖିଥିବା ବିହନ ସହ ଲେମ୍ବୁ, ବେଗୁନିଆ ବା ଭୁର୍ସୁଙ୍ଗା ବା ନିମ୍ବପତ୍ର ମିଶାଇ ରଖିଲେ ପୋକ ସହଜରେ ଲାଗି ନଥାଏ । ମୂଷା ଦାଉରୁ ବିହନକୁ ରକ୍ଷା କରିବା ପାଇଁ ବରକୋଳି ବା ବେତ କଣ୍ଟା ରଖାଯାଏ । ସାଇତା ଓ ବିହନ ବୁଣିବା ସମୟରେ ବିହନର ମାନ ପରୀକ୍ଷା କରିବା ଆବଶ୍ୟକ ।



**ଜୈବିକ ଶସ୍ୟ ସାଇତା:**

✦ ସାଇବା ପୂର୍ବରୁ ଖାଦ୍ୟ ଉତ୍ପାଦ ଭଲ ଭାବେ ୩-୪ଟି ଟାଣ ଖରାରେ ଶୁଖାଇ ପରିଷ୍କାର ହୋଇଥିବା ଆବଶ୍ୟକ । ✦ ଡାଲି ଜାତୀୟ ଫସଲର ମଞ୍ଜିକୁ କଦଳୀ କିମ୍ବା ଗୋବର ପାଉଁଶ, ବେଗୁନିଆ, ପୋକଶୁଙ୍ଗା, ଦୁଦୁରା କିମ୍ବା ନିମ୍ବପତ୍ରକୁ ଶୁଖିଲା ଗୁଣ୍ଡ ୫୦ ଗ୍ରାମ୍ କି.ଗ୍ରା. ମଞ୍ଜି ସହିତ ମିଶାଇ ରଖାଯାଏ । ✦ ଡାଲି ଜାତୀୟ ଫସଲରେ ପାମୋଲିନ୍/ରାଶି/ ସୋରିଷ ତେଲ ୨ ମି.ଲି. / କି.ଗ୍ରା ମଞ୍ଜିରେ ଗୋଳାଇ ୪ ମାସ ସାଇତି ରଖାଯାଏ । ✦ ସାଇତା ଅଖା ପରିଷ୍କାର ଓ ଚିରାଫଟା ନ ହୋଇଥିବା ଭଲ । ✦ ଚାଉଳ ସହ ହଳଦୀ ଗୁଣ୍ଡ ଗୋଳାଇ ରଖିଲେ ପୋକ ଲାଗି ନଥାନ୍ତି । ✦ ଫସଲରେ ରୋଗପୋକ ସହିବାର କ୍ଷମତା ବୃଦ୍ଧି ନିମନ୍ତେ ଜୈବ ରୋଗପୋକ ନାଶକର ପ୍ରୟୋଗ -- ଏକ ପ୍ଲାଷ୍ଟିକ୍ ବାଲତିରେ ୧୦୦ ରୁ ୨୦୦ ଗ୍ରାମ୍ ଗୁଡ଼/ଘୋଳଦହି / ଗୋମୂତ୍ରକୁ ୧୦-୧୫ ଲିଟର ପାଣିରେ ମିଶାଇ ତହିଁରେ ଜୈବ ରୋଗପୋକ ନାଶକ (ଟାଇକୋଡର୍ମା / ସଡୋମୋନାସ୍)ର ୧ ରୁ ୨ ପ୍ୟାକେଟ୍ ବା ୧ କି.ଗ୍ରା. ନେଇ ସେହି ଘୋଳରେ ମିଶାଯାଏ । ଉକ୍ତ ମିଶ୍ରକୁ ବାଲ୍‌ତି ଉପରେ କପଡ଼ା ଘୋଡ଼ାଇ ରାତିସାରା ଘରେ ରଖାଯାଏ । ତା' ପରଦିନ ଏହି ମିଶ୍ରଣକୁ ୨୦୦-୩୦୦ ଲିଟର ପାଣିରେ ଭଲ ଭାବେ ମିଶାଇ ସନ୍ଧ୍ୟାରେ ଫସଲରେ ସିଞ୍ଚନ କରାଯାଏ ।

**ମୂଷା ନିୟନ୍ତ୍ରଣ-** ✦ କୋଠାଘର ବା ଶସ୍ୟ ସାଇତା ପାଖରେ ଗଛର ଡାଳକୁ କାଟି ଦିଆଯାଏ । ✦ ଅଠାଳିଆ ଯନ୍ତା ବ୍ୟବହାର କରାଯାଏ । ✦ ବୈଦ୍ୟୁତିକ ଯନ୍ତ୍ର (ରିପେକ୍ସ) ଯାହା ଶବ୍ଦ ସୃଷ୍ଟିକାରୀ ତାହାକୁ ବ୍ୟବହାର କରାଯାଏ । ✦ କଞ୍ଚା ଅମୃତଭଣ୍ଡାକୁ ଛୋଟଛୋଟ ଖଣ୍ଡ କରି ମୂଷା ଗାତ ମୁହଁରେ ବା ଗାତରେ ପକାଇଲେ ମୂଷା ତାହାକୁ ଖାଇବାରେ ଏହାର ଅନ୍ତଃନଳୀରେ ଘା' ହୋଇ ମରିଯାଏ ।

**ମୃତ୍ତିକା ଓ ଜଳ ସଂରକ୍ଷଣ ଏବଂ ପରିଚାଳନା:**

✦ ଖାଲିଥିବା ଜିରେ ବନୀକରଣ, ଗୋଖାଦ୍ୟ ଫସଲ ଚାଷ, ଫଳଚାଷ କରିବା । ✦ ଜମିରେ କ୍ଷୁଦ୍ର ଗାତ କରି ଚାରା ରୋଇବା । ✦ ଡାଲି ଜାତୀୟ ଫସଲ ଚାଷ କରିବା । ✦ ସବୁଜ ସାରକୁ ଚାଷ କରି ମୃତ୍ତିକାରେ ମିଶାଇ ଦେବା । ✦ ଖରାଟିଆ ଚାଷ । ✦ ଭୂପୃଷ୍ଠରୁ ପାଣି ବୋହିଯିବାରେ ବାଧା ସୃଷ୍ଟି କରିବା ଓ ମାଟି ଭିତରକୁ ଜଳ ପ୍ରବେଶ ନିମିତ୍ତ ପୋଖରୀ ଖନନ ବା ସୋପାନ ସୃଷ୍ଟି କରିବା । ✦ ଜଳ ସିଞ୍ଚନ ବା ବୁନ୍ଦା ଜଳସେଚନ କରି ଜଳର

ଉପଯୋଗିତା ବୃଦ୍ଧି କରିବା । ✦ ବର୍ଷା ଜଳ ଅମଳ ଖାତ ଓ ଫାର୍ମ ପୋଖରୀ ଖନନ କରିବା । ✦ ଦରକାର ଅନୁଯାୟୀ ଜଳ ସେଚନ ଓ ଜଳର ସୁବିନିଯୋଗ ।

**ଜୈବିକ ଖତ:**

ସାଧାରଣତଃ ମୃତ୍ତିକା ପରୀକ୍ଷା ଅନୁଯାୟୀ ମାଟିରେ ଥିବା ଖାଦ୍ୟସାର ଥିବା ବିଷୟ ଜାଣି ଖତସାର ପ୍ରୟୋଗ କରାଯାଏ । ଜୈବିକ ଖତ ପ୍ରୟୋଗ ଦ୍ୱାରା ମୃତ୍ତିକା ଉନ୍ନତ ରହିବା ସହ ମାଟି ଅମ୍ଳୀୟ ହୋଇନଥାଏ । ଜଳଧାରଣ ଓ ନିଷ୍କାସନ କ୍ଷମତା ବୃଦ୍ଧି ପାଇ ବିଭିନ୍ନ ଉପକାରୀ ଅଣୁଜୀବଗୁଡ଼ିକରେ ବଂଶ ବୃଦ୍ଧି ଘଟାଇ ମାଟିର ଉର୍ବରତାକୁ ଅକ୍ଷୁଣ୍ଣ ରଖି ଫସଲକୁ ଭଲ ରୂପେ ବଢ଼ିବାରେ ସାହାଯ୍ୟ କରିଥାଏ । ଜଳକ୍ଳିଷ୍ଟ ବା ଜଳବହୁଳ ଅବସ୍ଥାରେ ଏହା ଫସଲକୁ ବଞ୍ଚାଇ ରଖିବାର ସାହାଯ୍ୟ କରିଥାଏ । ତେଣୁ, କୌଣସି ପରିସ୍ଥିତିରେ ଫସଲର ଅଂଶ ବିଶେଷକୁ ଜମିରେ ନ ଜଳାଇ ସର୍ବଦା ମାଟିରେ ମିଶାଇ ଦେବା ଆବଶ୍ୟକ । ଏଥିରେ ମାଟିରେ କ୍ଷତିକାରୀ ଜୀବାଣୁ ଓ ସୂତ୍ରଜୀବଗୁଡ଼ିକର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥାଏ । ଖତଗଦାଟି ବାଡିର ଏପରି ଏକ ସ୍ଥାନରେ, ଛାଇରେଓ ଭିଜା/ଓଦାହୋଇ ରହିବା ଦରକାର, ଯେଉଁଠାକୁ ସମସ୍ତ ଜୈବ ବର୍ଜ୍ୟବସ୍ତୁ ଗୋବର, ମୂତ୍ର ଆଦି ସହଜରେ ଅଣାଯାଇପାରିବ । ଜୈବିକ / ଗୋବର ଖତରେ ଗଛର ସମସ୍ତ ପୋଷାକ ତତ୍ତ୍ୱ ଭରପୂର ହୋଇରହିଥାଏ । କ୍ରମେ କ୍ରମେ ଖାଦ୍ୟସାର ମିଳୁଥିବାରୁ ଫସଲ ଭଲ ରୂପେ ବଢ଼ିଥାଏ ଓ ରୋଗପୋକ ସହଜରେ ସଂକ୍ରମିତ ହୋଇ ନଥାନ୍ତି । ଜୈବିକ ଚାଷରେ ଏକର ପ୍ରତି ୬୦-୧୦୦ କ୍ୱିଣ୍ଟାଲ ଜୈବିକ ଖତ ବା ଗୋବର ଖତ ପ୍ରୟୋଗ କରିବା ଦରକାର । ଜୈବିକ ଖତ ଗୁଡ଼ିକ ହେଲା- ଗୋବର ଖତ, କମ୍ପୋଷ୍ଟ / ନାଡେପ୍ କମ୍ପୋଷ୍ଟ, ବିଲାତି ଦଳ କମ୍ପୋଷ୍ଟ, ଗୋବର ଗ୍ୟାସ ଖତ, କୁକୁଡ଼ା ମଳ ଖତ ଓ ପିଡ଼ିଆ ଇତ୍ୟାଦି ।

ସାଧାରଣତଃ ଜୈବିକ ଖତ ଗଦାରେ ଚମଡ଼ା, ମାଂସ ଖଣ୍ଡ, ସହଜରେ ପଚି ସଢ଼ି ନଥିବା ପଦାର୍ଥ ଯଥା- ପ୍ଲାଷ୍ଟିକ, ଧାତବ ଦ୍ରବ୍ୟ, କାଚ ନ ପକାଇବା ଆବଶ୍ୟକ । ଟାଣ ପଦାର୍ଥଗୁଡ଼ିକୁ ଛୋଟ କରି ଦିଆଯାଏ । ଶୁଖିଲା ଥିଲେ ପାଣି ସିଞ୍ଚି ଓଦା ରଖାଯାଏ । ୨-୩ ସପ୍ତାହରେ ଖତଗଦାକୁ ହାଣି ତଳ ଉପର କରାଗଲେ ଖତର ପଚିବା ଶୀଘ୍ର ହୋଇଥାଏ । ଯଦି ଖତ ଧଳା ରଙ୍ଗର ଦେଖାଯାଉଥାଏ, ତାହେଲେ ଖତ ଭଲ ପଚି ନାହିଁ ବୋଲି ଜାଣିପାରିବା । ସେ ଅବସ୍ଥାରେ ଖତ ଗଦା ଉପରେ ପାଣିରେ ଗୋବର, ଗୋମୂତ୍ର, ସବୁଜ ପତ୍ରାଦିକୁ ପେଷି ଛିଞ୍ଚି



ଦିଆଯିବା ଦରକାର । ପରନ୍ତୁ ଯଦି ଖତ କଳା ସ ସବୁଜ ମିଶା ରଙ୍ଗଯୁକ୍ତ ଦେଖାଯାଏ ଓ ସେଥିରୁ ଖରାପ ଗନ୍ଧ ବାହାରୁଥିବାରୁ ଜଣାଯାଏ, ତେବେ ସେ ଅବସ୍ଥାରେ ଖତ ଗଦାକୁ ଖୋଲା ରଖି ସେଥିରେ ଖଦଡିଆ, ଶୁଖିଲା ପଚନଶୀଳ ପଦାର୍ଥ କିଛି ମିଶାଇ ଦିଆଯାଏ । ଖତରେ ଥବବାଗୋବର ଭଲ ରୂପେ ପଚି ନଥିଲେ ଫସଲର କ୍ଷତି ହେବା ସହ ଭଲ ଲାଗିବାର ସମ୍ଭାବନା ଥାଏ ।

**ଗୋବର ଖତ:**

ପ୍ରାୟତଃ ୧ ମିଟର ଓସାର, ୧ ମିଟର ଗଭୀର ଓ ୩ ମିଟରରୁ ଅଧିକ ଲମ୍ବର ଗାତ ଖୋଳି ତହିଁରେ ସଂଗୃହିତ ଗୋବର, ଗୋମୂତ୍ରକୁ ପକାଯାଏ । ଗୁହାଳ ଚଟାଣରେ ପଡ଼ିଥିବା ନଡ଼ା ବା ପାଳ ବା ଘାସପତ୍ରାଦି ନଚେତ୍ ପାଉଁଶ ଇତ୍ୟାଦିକୁ ଗୋବର ସହ ପକାଇ ପଚାଯାଏ । ପ୍ରାୟ ଦେଢ଼ ମାସ ବେଳକୁ କ୍ୱିଣ୍ଟାଲ ଖତ ପ୍ରତି ୨୦୦ ଗ୍ରାମ କରି ଜୀବାଣୁ ସାର ଖତରେ ମିଶାଇଲେ ଖତ ଉନ୍ନତ ମାନର ହୋଇଥାଏ । ଗୋବର ସହ ଛେଳି ନଣ୍ଡି ବା କୁକୁଡ଼ା ମଳ ମିଶାଇଲେ ଭଲ ଖତ ମିଳିଥାଏ । ୩-୪ ମାସ ମଧ୍ୟରେ ଖତ ପ୍ରସ୍ତୁତ ହୋଇଯାଏ ।

**କମ୍ପୋଷ୍ଟ:**

ଗ୍ରାମ ପରିବେଶରେ ଅଳିଆ ଫସଲର ଅଦରକାରୀ ଅଂଶବିଶେଷ, ବାଲୁଙ୍ଗା ବା ଫସଲ ମୂଳ, କୁଟା ବା ନଡ଼ା, ପାଉଁଶ, କୁଣ୍ଡା, ଅଗାଡ଼ି, କଦଳୀ ଗଛର ଗଣ୍ଡି ଓ କଟାପତ୍ର, ଆଖୁ ଛେଦା, ଡାଲି ଫସଲର ଅବଶେଷ, ମକା, ଜୋଆର ବା ବାଜରା ଗଛ, କାଠି, ଡାଳପତ୍ର, ଖାଦ୍ୟପଦାର୍ଥର ଆବର୍ଜନା, ଗୋବର ଓ ଗୋମୂତ୍ର, ରୋଷେଇ ଘରର ବର୍ଜ୍ୟବସ୍ତୁ ଓ ପାଣି ଆଦିକୁ ବ୍ୟବହାର କରି ଭଲ ବା ଉନ୍ନତ ମାନର କମ୍ପୋଷ୍ଟ ତିଆରି କରାଯାଇପାରେ । ଏହି ଖତର ଅକାର ଗୋବର ଖତ ତିଆରି ପରି କରାଯାଏ । ଏହା ବିଭିନ୍ନ ପ୍ରଣାଳୀର । ଯଥା- ଇନ୍ଦୋର ପ୍ରଣାଳୀ, ବାଙ୍ଗାଲୋର ପ୍ରଣାଳୀ, ନାଡେପ୍ ପ୍ରଣାଳୀ, କୋଏମ୍ବାଟୁର ପ୍ରଣାଳୀ, ଆଇ.ସି.ଏ.ଆର୍. ପ୍ରଣାଳୀ । ସେସବୁ ମଧ୍ୟରେ ନାଡେପ୍ ପ୍ରଣାଳୀ ଉତ୍ତମ ।

**ନାଡେପ୍ କମ୍ପୋଷ୍ଟ:**

ଏହି ପ୍ରଣାଳୀରେ ଖତ ଲାଗି ୨ ମିଟର ଓସାରିଆ, ୧ ମିଟର ଗଭୀର ଓ ୩ ମିଟର ଲମ୍ବର ଏକ ଟାଙ୍କି ଇଟା ଯୋଡ଼େଇ କରି ସିମେଣ୍ଟ, ବାଲି, ବା ମାଟି ଦେଇ ପ୍ରସ୍ତୁତ କରାଯାଏ । ଇଟା କାନ୍ଥରେ ଛାଡିଛାଡି ଫାଙ୍କ ରଖାଯାଏ, ଯଦ୍ୱାରା ପବନ ପଶିଥାଏ । କୁଣ୍ଡର ତଳଭାଗ ଓ

ଭିତର ପାଖ ଗୋବରରେ ଲିପି ଦିଆଯାଏ । କ୍ଷେତରୁ ବାହାରୁଥିବା ସମସ୍ତ ଜୈବିକ ବର୍ଜ୍ୟବସ୍ତୁ ସହ ୧୦୦ କି.ଗ୍ରା. ପର୍ଯ୍ୟନ୍ତ ଗୋବର ଓ ମିଳୁଥିବା ଗୋମୂତ୍ର ସହ ବର୍ଜ୍ୟବସ୍ତୁ ଓଜନର ଜଳ ସହ ଘୋଳ ପ୍ରସ୍ତୁତ କରି ଖାତରେ ଢ଼ାଳାଯାଏ । ପ୍ରଥମ ସ୍ତରରେ ୬ ଇଞ୍ଚ ବହଳର ଡାଳପତ୍ର, ଫସଲର ଅବଶେଷ ଦେଇ ଦ୍ୱିତୀୟ ସ୍ତରରେ ଗୋବର ବା ଗୋବର ଗ୍ୟାସ୍‌ର ତରଳ ପଦାର୍ଥ, ଗୋମୂତ୍ର ଓ ପାଣି ମିଶା ଘୋ (୧୦୦ରୁ ୧୫୦ଲିଟର) ଦିଆଯାଏ । ତୃତୀୟ ସ୍ତରରେ ପତ୍ର, ଡାଳ, କୁଟା, ଲଟା ସହ ପ୍ରାୟ ୫୦ କି.ଗ୍ରା. ଓଜନର ମାଟି ଦେଇ ପାଣି ସିଞ୍ଚାଯାଏ । ଏହିପରି ୧୨-୧୪ଟି ସ୍ତର ସ୍ତର କରି ଟାଙ୍କି ଉପରକୁ ଭର୍ତ୍ତି କରାଯାଏ ଓ ୨-୩ ଦିନ ମଧ୍ୟରେ ତାହା ଉପରେ ମାଟି ଗୋବର ମିଶା ପାଣିରେ ଭଲ ରୂପେ ଲିପି ଖାତ ବନ୍ଦ କରି ଦିଆଯାଏ । ତାହାର ଦେଢ଼ମାସ ବେଳକୁ ଖାତଗଦାର ଉପର ଭାଗ ଦବି ଗଲେ ଦ୍ୱିତୀୟଥର ଟାଙ୍କିକୁ ପୂର୍ବପରି ଭର୍ତ୍ତି କରି ପୁନର୍ବାର ସମାନ ଉଚ୍ଚ କରି ମାଟିମିଶା ଗୋବରରେ ଲିପି ଦିଆଯାଏ । ଏହି ସମୟରେ ବାଡ଼ିରେ ଗାତ କରି ସମୁଦାୟ ୧୦ ଲିଟର ଗୋମୂତ୍ର, ୨ କି.ଗ୍ରା. ଗୁଡ଼ ଓ ୧୦୦ ଗ୍ରାମ୍ ପାଉଁଶର ଘୋଳ ଢ଼ାଳି ଦିଆଯାଏ । ୩-୪ ମାସ ମଧ୍ୟରେ କମ୍ପୋଷ୍ଟ ପ୍ରସ୍ତୁତ ହୋଇଯାଏ ।

କମ୍ପୋଷ୍ଟକୁ ଉନ୍ନତ କରିବା ପାଇଁ ୧ କି.ଗ୍ରା. କରି ଜୀବାଣୁସାର, ଗୁଡ଼ ଓ ବେସନ ମିଶାଇ ଦିଆଯାଇପାରେ । ପୂର୍ଣ୍ଣ ରୂପେ ସଢ଼ି ନଥିବା ପଦାର୍ଥକୁ ଆଉ ଥରେ ଅଲଗା କରି ଖତ ତିଆରି ପାଇଁ ରଖାଯା, । ଏକର ପ୍ରତି ଶସ୍ୟ ଜାତୀୟ ଫସଲରେ ୮୦ କ୍ୱିଣ୍ଟାଲ ଓ ଡାଲି ଜାତୀୟ ଫସଲରେ ୪୦ କ୍ୱିଣ୍ଟାଲ ଖତ ଜମିରେ ଶେଷ ଓଡ଼ ଚାଷ ବେଳେ ମିଶାଇ ଦିଆଯାଏ ।

**ଗୋବର ଗ୍ୟାସ୍ ଖତ:**

ବାଡ଼ରେ ରହିଥିବା ଗୋବର ଗ୍ୟାସ୍ ପ୍ଲାଣ୍ଟରେ ପ୍ରତିଦିନ ଗୋବର ଘୋଳ ଢ଼ାଳାଯାଏ ଓ ଗ୍ୟାସ୍ ବାହାରିବା ପରେ ଘୋଳ ଆକାରରେ ଗୋବର ଖତ ବାହାରିଥାଏ । ଘୋଳ ଖାତରେ ଜମା ହେବା ପରେ ତହିଁରୁ କାଢ଼ି ଶୁଖାଇ ଖତ ହିସାବରେ ବ୍ୟବହାର କରାଯାଏ । ଗୋବରକୁ କେବଳ କମ୍ପୋଷ୍ଟ ନ କରି ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଇ ରୋଷେଇ କରିବା ସହ ଆଲୋକ ଓ କମ୍ପୋଷ୍ଟ ରୂପେ ବ୍ୟବହାର କରାଯାଇଥାଏ ।

**ବିଲାତି ଦଳ କମ୍ପୋଷ୍ଟ:**

ବିଲାତି, ଚିଙ୍ଗୁଡ଼ିଆ ଓ ଅନ୍ୟ ଦଳ ସଫା କରି କୂଳରେ ପକାଯାଏ । ତହିଁରୁ ପାଣି ନିଗିଡ଼ିଯିବା ପରେ ଉଚ୍ଚ ସ୍ଥାନରେ ୩ ମିଟର ଲମ୍ବ, ୨.୫ ମିଟର ଓସାର ଓ ୧.୫ ମିଟର ଉଚ୍ଚର



ଗଦାରେ ଖତ କରାଯାଏ । ୧ ଫୁଟ ବିଲାତି ବା ଅନ୍ୟ ଦଳ ବିଛାଇ ତାହା ଉପରେ ଗୋବର ମିଶା ପାଣି ବା ୧ ଇଞ୍ଚ ବହଳର ପୋଖରୀ ପଙ୍କ ଓ ପାଉଁଶ ବିଛାଇ ଦିଆଯାଏ । ଏହିପରି ପରସ୍ତରୁ ପରସ୍ତ ଦଳ, ଗୋବର ପାଣି ବା ପଙ୍କ ଦେଇ ଗଦାକୁ ୧.୫ ମିଟର ଉଚ୍ଚ କରାଯାଏ । ତାହା ଉପରେ ଗୋବର ମିଶା ମାଟିର ଲେପ ଦିଆଯାଏ । କିଛିଦିନ ପରେ ଗଦା ଦବି ଗଲେ ସମାନ କରି ପୁନର୍ବାର ଗୋବର ମିଶା ମାଟିର ଲେପ ଦିଆଯାଏ । ୩-୪ ମାସ ବେଳକୁ ଖତ ପ୍ରସ୍ତୁତ ହୋଇଯାଏ ।

**କୁକୁଡ଼ା ମଳ ଖତ:**

କୁକୁଡ଼ା ଫାର୍ମରୁ ବାହାରୁଥିବା ମଳ ମିଶା ଆବର୍ଜନା କାଠି ବା ଗୁଣ୍ଡ ସବୁରେ ପାଣି ଛିଞ୍ଚି ୩-୪ ମାସ ଗମେଇବା ପରେ ଖତ ହୋଇଯାଏ । ଏହାକୁ ମଞ୍ଜି ବୁଣିବା ପୂର୍ବରୁ ମାଟିରେ ମିଶାଇ ଦିଆଯାଏ ।

**ପିଡ଼ିଆ:**

ବିଭିନ୍ନ ତୈଳଜୀବ ଜାତୀୟ ଫସଲର ମଞ୍ଜିରୁ ତେଲ ବାହାର କରିବା ପରେ ପିଡ଼ିଆ ଯଥା- କରଞ୍ଜ, ନିମ୍ବ, କୁସୁମୀ, ବାଦାମ, ମହୁଲ, ରାଶି, ପୋଲାଙ୍ଗ, ଅଳସୀ, ସୂର୍ଯ୍ୟମୁଖୀ, ସୋରିଷ ଆଦି ମଞ୍ଜିରୁ ମିଳିଥାଏ । ପିଡ଼ିଆକୁ ପାଣିରେ ବତୁରାଇ ତରଳ ଖାଦ୍ୟସାର ଭାବେ ମୃତ୍ତିକାରେ ମଞ୍ଜି ବୁଣିବା ବା ଚାରା ଲଗାଇବାର ୮-୧୦ ଦିନ ପୂର୍ବରୁ ପ୍ରୟୋଗ କରାଯାଏ । ଏଥିରେ କମ୍ପୋଷ୍ଟ ତୁଳନାରେ ଅଧିକ ଯବକ୍ଷାରଜାନ, ଫସଫରସ୍ ଓ ପଟାସ୍‌ର ମାତ୍ରା ରହିଥାଏ ।

**ହଦରୀ ବା ଗୁହାଳ ଚନି ବା ଖଜରା ଖତ:**

ଏହା ପଶ୍ଚିମ ଓଡ଼ିଶାରେ ବେଶ୍ ଲୋକପ୍ରିୟ । ଗାଈ ନଥିବା ବେଳେ ଗୁହାଳରେ ପାଉଁଶ ବିଞ୍ଚି ଦିଆଯାଏ ଓ ପରେ ଛାଇରେ ସଂଗ୍ରହ କରି ରଖାଯାଏ । ତାହାର ପରିମାଣ ୨୦-୨୫ କି.ଗ୍ରା.ର ହେଲେ ସେଥିରେ ସମାନ ପରିମାଣର ହୁଙ୍କା ମାଟି ବା ବରଗଛ ତଳର ମାଟି ମିଶାଇ ମିଶ୍ରଣ ତିଆରି କରାଯାଏ । ଏହାକୁ ଅଳ୍ପ ଅଳ୍ପ କରି ବତର ଜମିରେ ସମାନ ଭାବେ ପକାଯାଏ । ମାସେ ଅନ୍ତରରେ ୨ ଥର ପ୍ରୟୋଗ କରାଯାଏ । ଫଳରେ ଆଉ କୌଣସି ଖତ ନ ଦେଇ ମଧ୍ୟ ଭଲ ଫସଲ ମିଳିଥାଏ ।

**ଜିଆଖତ:**

ଜିଆ ଦ୍ୱାରା ଖତ ଉତ୍ପାଦନକୁ କେଞ୍ଚୁଆ ବା ଜିଆ ଖତ କୁହାଯାଏ । ଏହାର ଉପକାର ବିବିଧ । ଜମିର ଅମ୍ଳ ପରିମାରଣ ନିରପେକ୍ଷ ହୋଇ ରହିଥାଏ । ମୃତ୍ତିକାରେ ଲାଭଦାୟକ ସୂକ୍ଷ୍ମ

ଜୀବାଣୁଗୁଡ଼ିକର ବୃଦ୍ଧି ଘଟିଥାଏ । ଜମିରେ ହରମୋନ୍ ଓ ଭିଟାମିନ୍ ପରିମାଣରେ ବୃଦ୍ଧି ଘଟିଥାଏ । ହାଲୁକା ରହି ତାହାର ଜଳ ଧାରଣ କ୍ଷମତା ବଢ଼ିଥାଏ । ଜିଆ ମଧ୍ୟ ମାଛ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର ହୋଇଥାଏ । ଏଥିରେ ଖାଦ୍ୟ ପୋଷକ ପରିମାଣ ଖୁବ୍ ଅଧିକ ଥାଏ । ସର୍ବାଧିକ ୧.୫% ଯବକ୍ଷାରଜାନ, ୦.୩% ଫସ୍‌ଫରସ୍, ୦.୬% ପଟାସ୍, ଦସ୍ତା ୧୧ ପି.ପି.ଏମ୍., ଗନ୍ଧକ ୫୪୮ ପି.ପି.ଏମ୍., ଅନେକ ପ୍ରକାର ଭିଟାମିନ୍, ଉଦ୍ଦିପକ ଓ ମୃତ୍ତିକା ସୁଧାରକ ଯୁକ୍ତ ଥାଏ । ଜିଆଖତ ବା କମ୍ପୋଷ୍ଟ ଖତ ପ୍ରସ୍ତୁତି ବେଳେ କିଛି ଅରଖ ପତ୍ର ତହିଁରେ ମିଶାଇ ଦେଲେ ତାହା ଫସଲକୁ ବୋରନ୍ ବା ଟାଙ୍ଗରା ଅଣୁସାର ଯୋଗାଇଥାଏ । ଏପରିକି ରାସାୟନିକ ସାର ତୁଳନାରେ ଏହା ବିଶେଷ ଫଳପ୍ରଦ । ଜିଆଖତରୁ ପୋଷାକ ଶୀଘ୍ର ଉପଲବ୍ଧ ହେଉଥିବାରୁ ଫସଲର ବିଭିନ୍ନ ଅବସ୍ଥାରେ ଏହାକୁ ପ୍ରୟୋଗ କରାଯାଇପାରେ । ଏହି ଖତର ଉତ୍ପାଦନ ଅତି ସହଜ ଓ ଏଥିରେ ପରିଶ୍ରମ କମ୍ । ବର୍ଷକୁ ୭-୮ ଥର ଗୋଟିଏ କୁଣ୍ଡରୁ ଜିଆଖତ ପ୍ରସ୍ତୁତ ହୋଇପାରେ ଏବଂ କମ୍ ପରିମାଣର ଖତ ଫସଲ ଉତ୍ପାଦନରେ ଦରକାର ପଡ଼ିଥାଏ ।

ଜିଆଖତ ପାଇଁ ଖାଦ୍ୟଗୁଡ଼ିକ ହେଲା- ପଶୁ ପକ୍ଷୀର ମଳ ଈଗୋବର, କୁକୁଡ଼ା ମଳ, ଛେଳି ଓ ମେଣ୍ଢା ଲଣ୍ଡି, ଗୋବର ଗ୍ୟାସ୍ ପ୍ଲାଣ୍ଟର କାଦୁଆ ଗୋବର), କୃଷିଜାତ ଫସଲ ବର୍ଜ୍ୟବସ୍ତୁ (ଫସଲର ଅବଶେଷ, ଅଗାଡ଼ି, ଚୋପା, ଘାସଲତା, ଆଖୁଛେଦା, ନଡ଼ିଆକତା ଗୁଣ୍ଡ, କାଠଗଣ୍ଡ), ରୋଷେଇ ଘରର ବର୍ଜ୍ୟବସ୍ତୁ, କୃଷିଭିତ୍ତିକ ଶିଳ୍ପ ଓ ଛତୁ ଚାଷର ବର୍ଜ୍ୟବସ୍ତୁ ।

ଏକର ପ୍ରତି ଜିଆଖତ, ଧାନରେ ୪୦ କ୍ୱିଣ୍ଟାଲ, ଡାଲି ଜାତୀୟ ଫସଲରେ ୨୦ କ୍ୱିଣ୍ଟାଲ, ତୈଳବୀଜ ଫସଲରେ ୩୦ କ୍ୱିଣ୍ଟାଲ, ପନିପରିବା ଓ ଅର୍ଥକାରୀ ଫସଲରେ ୫୦ କ୍ୱିଣ୍ଟାଲ, ଫଳ ବଗିଚାରେ ୨୦-୩୦ କ୍ୱିଣ୍ଟାଲ, ଫୁଲ ଚାଷର ୪୦ କ୍ୱିଣ୍ଟାଲ ପ୍ରୟୋଗ କରି ଉତ୍ତମ ଫସଲ ଅମଳ ମିଳିଥାଏ ।

**ଜିଆଖତ ପ୍ରସ୍ତୁତ ପ୍ରଣାଳୀ-** ଛାଇଥିବା, ଉଚ୍ଚ, ନିଗିଡ଼ା, ଢ଼ାଲୁ ସ୍ଥାନରେ ନଡ଼ା ଛପର କରାଯାଏ । ୪ଟି ଜିଆ କିସମ ମଧ୍ୟରୁ ଏସେନିଆ ଫୋଏଟିଡା ଓ ଇଉଡ୍ରିଲସ୍ ଇଉଜିନେ ଭଲ । ଏସେନିଆ କମ୍ ତାପ ଓ ଅଧିକ ଜଳରେ ବଢ଼ିପାରେ । ମାତ୍ର ଇଉଡ୍ରିଲସ୍ ଆକାରରେ ବଡ଼, ଶୀଘ୍ର ବଢ଼େ, କାର୍ଯ୍ୟଦକ୍ଷ ଓ ଅଧିକ ତାପ ସହିପାରେ ।

ଜିଆଖତ ଉତ୍ପାଦନ ୨ ପ୍ରକାରର- କୁଣ୍ଡରେ ଏବଂ ଖୋଲା ସ୍ଥାନରେ ।

**କୁଣ୍ଡ ପଦ୍ଧତି-** କୁଣ୍ଡରେ କଲେ ୨ଟି କୁଣ୍ଡ କରାଯାଏ । ପ୍ରଥମ କୁଣ୍ଡରେ ଜିଆ ଖାଦ୍ୟକୁ



ସ୍ତର ସ୍ତର କରି ପକାଇ ଅଧା ସଢ଼ା କରି ଦ୍ୱିତୀୟ କୁଣ୍ଡକୁ ଜିଆର ଖାଦ୍ୟ ପାଇଁ ଯୋଗାଇ ଦିଆଯାଏ । ଆକାର - ପ୍ରଥମ କୁଣ୍ଡ- ୬ମି X ୨ମି. X ୭୫ ସେ.ମି. ଓ ଦ୍ୱିତୀୟ ଗୁଣ୍ଡ- ୩ ମି X ୨ ମି. X ୭୫ସେ.ମି. । କୁଣ୍ଡର ତଳ ଭାଗ ସିମେଣ୍ଟ ଚଟାଣର କରି ଗୋଟିଏ ପଟକୁ ଢ଼ାଲୁ ରଖାଯାଏ ।

ପ୍ରଥମ କୁଣ୍ଡରେ ବିଭିନ୍ନ ବର୍ଜ୍ୟବସ୍ତୁ ୧୫-୨୦ ସେ.ମି. କରି ସ୍ତର କରି ଭର୍ତ୍ତି କରି ପ୍ରତି ସ୍ତର ଉପରେ ୧୫-୨୦ ଲିଟର ଗୋବର ପାଣି (ଗୋବର ଓ ପାଣିର ଅନୁପାତ ୧:୧୦) ସିଞ୍ଚନ କରି ସଦା ଉପରେ କଞ୍ଚା ଗୋବର ଓ ମାଟି ମିଶ୍ରଣର ଲେପ ଦିଆଯାଏ । ୧୫-୨୦ ଦିନ ବେଳକୁ ଏହି ଅଧାସଢ଼ା ଖତକୁ ଦ୍ୱିତୀୟ କୁଣ୍ଡକୁ ନିଆଯାଏ । ଦ୍ୱିତୀୟ କୁଣ୍ଡର ତଳ ଅଂଶରେ ୫ ସେ.ମି. ଉଚ୍ଚତାରେ ବଡ଼ ଚିପ୍‌ସ୍/ ଗୋଡ଼ି ଦେଇ ତାହା ଉପରେ ୫ ସେ.ମି. ଉଚ୍ଚତାର ବାଲି ଓ ବାଲି ଉପରେ ୫ ସେ.ମି. ବହଳର ଦୋରସା ମାଟି ଦିଆଯାଏ ।

ଏହି ସ୍ତର ଉପରେ ୫ ସେ.ମି. ବହଳର ସଢ଼ା କମ୍ପୋଷ୍ଟ ଦେଇ ତା' ଉପରେ ୧୫-୨୦ ସେ.ମି. ବହଳର ପ୍ରଥମ କୁଣ୍ଡରୁ ଆସିଥିବା ଅଧା ସଢ଼ା ପଦାର୍ଥକୁ ସ୍ତର ସ୍ତର କରି କୁଣ୍ଡ ପୂରଣ ପର୍ଯ୍ୟନ୍ତ ବିଛାଯାଏ । ପ୍ରତିସ୍ତର ଉପରେ ୪-୫ କି.ଗ୍ରା. ମାଟି ସହ ଗୋବର ମିଶା ପାଣି (୨୦୦ ଗ୍ରାମ୍ କରି ନିମ୍ବ ପିଡ଼ିଆ ଦେଲେ ଭଲ) ସିଞ୍ଚାଯାଏ । କୁଣ୍ଡ ପୂରଣ ପରେ ୧.୫-୨ କି.ଗ୍ରା (୧୫୦୦-୨୦୦ ସଂଖ୍ୟାର) ଜିଆ ଛଡାଯାଏ । କୁଣ୍ଡ ଉପରେ ଓଦା ଅଖା ଘୋଡ଼ାଇ ପ୍ରତି ୨ ଦିନ ଅନ୍ତରରେ ୧୦ ଲିଟର ବା ଆବଶ୍ୟକତା ଅନୁଯାୟୀ ପାଣି ସିଞ୍ଚନ କରାଯାଏ । ଜିଆଖତ କୁଣ୍ଡର ଉପର ଭାଗରେ ଦାନା ଭଳି ଓ ଗାଢ଼ ରଙ୍ଗର ଜିଆଖତ ହେବାକୁ ୪୫-୫୦ ଦିନ ଲାଗିଥାଏ ଏବଂ ସେହି ସମୟବେଳକୁ ପାଣିଦେବା ବନ୍ଦ କରାଯାଏ । ଫଳରେ ଜିଆ, ଖତର ତଳ ଭାଗକୁ ଚାଲିଯାଆନ୍ତି । ଏହି ଜିଆଖତକୁ ଉପରଆଡୁ ବାହାର କରି ବଡ଼ ତାରଜାଲି ଦ୍ୱାରା ଚଲାଇ ଦେଲେ ଜିଆ ଅଲଗା ରହିଯିବା ସହ ଖତ ସଂଗ୍ରହ ହୋଇଥାଏ । ଏହି ଭାବେ ଥରକରେ ୧୦-୧୫ କ୍ୱିଣ୍ଟାଲ ଜିଆଖତ ମିଳିଥାଏ । ଉପର ପଦ୍ଧତିକୁ ଚାଲୁ ରଖାଯାଏ । କୁଣ୍ଡର ଉପର ଧାରରେ ପାଣି ନାଳ ବା ହଳଦୀଗୁଣ୍ଡ ପକାଇ କୁଣ୍ଡ ଉପରେ ସରୁ ଜାଲିରେ ଘୋଡାଇ ଦେଲେ ଶତ୍ରୁ ଆକ୍ରମଣରୁ ଜିଆ ରକ୍ଷା ପାଇଥାନ୍ତି ।

**ଶଯ୍ୟା ପଦ୍ଧତି-** କୌଣସି ପ୍ରକାର କୁଣ୍ଡ ନ କରି ମାଟି ଉପରେ ପଲିଥିନ୍ ଦେଇ ପକାଇ ବା ସିମେଣ୍ଟ ଚଟାଣ ଉପରେ ପୂର୍ବ ବର୍ଣ୍ଣିତ ପଦ୍ଧତି ପରି ସ୍ତର ସ୍ତର କରି ଜିଆଖତ ପ୍ରସ୍ତୁତ

କରାଯାଇଥାଏ । ଏହାର ଚଉଡ଼ା ୩-୪ ଫୁଟ୍ ଓ ଇଚ୍ଛା ଅନୁସାରେ ଲମ୍ବ ଦିଆଯାଏ । ଉପରେ ଛାଇଥିବା ଦରକାର ବା ଚାଳ ଛପର କରାଯା, । ସ୍ତରଗୁଡ଼ିକ ନ ଖସିବା ପାଇଁ କିଛି ଇଟାକୁ ପାଚେରୀ ପରି ରଖାଯାଇପାରେ ।

**ଜିଆ ଜଳ (ଭର୍ମିୱାସ୍):**

ଜିଆ ଚାଷରେ ଏକ ଲାଲ୍ଆ ତରଳ ପଦାର୍ଥ ଜିଆଙ୍କ ଶରୀରରୁ ନିର୍ଗତ ହୋଇଥାଏ ଏବଂ ଜିଆଖତର ଅନେକ ଉପକାରୀ ଅଣୁଜୀବ ଓ ଜୈବ ତତ୍ତ୍ୱଗୁଡ଼ିକ ଭରପୂର ରହିଥାଏ । ଜିଆଖତ ଉପରେ ଜଳ ସିଞ୍ଚନ କଲେ ଏହି ତରଳ ପଦାର୍ଥ ଓ ଜୈବ ତତ୍ତ୍ୱଗୁଡ଼ିକ ଜଳ ସହ ମିଶି ଯେଉଁ ତରଳ ଦ୍ରବଣ ଆକାରରେ ନିସୃତ ହୋଇଥାଏ, ତାହାକୁ ଜିଆ ଜଳ କୁହାଯାଏ । ଜିଆଜଳରେ ପ୍ରଚୁର ଭିଟାମିନ୍ ଓ ଫସଲ ବର୍ଦ୍ଧନକାରୀ ଉପାଦାନ ରହିଥାଏ । ଏହାର ଉପଯୋଗ ଦ୍ୱାରା ଫସଲ ଓ ଫୁଲ, ଫଳଗୁଡ଼ିକର ଅଧିକ ବୃଦ୍ଧି ଘଟି ଉତ୍ପାଦନ ଗୁଣାତ୍ମକ ହୋଇଥାଏ । ଜିଆଜଳକୁ ପାରି ସହ ୧:୫ ଅନୁପାତରେ ମିଶାଇ ଫସଲରେ ସିଞ୍ଚନ କଲେ ଫସଲ ଭଲ ବଢ଼ିଥାଏ । ଗୋମୂତ୍ର ସହ ଜିଆ ଜଳକୁ ୧:୧୦ ଅନୁପାତରେ ମିଶାଇ ଫସଲରେ ସିଞ୍ଚନ କଲେ ତାହା ଜୀବନାଶକ ରୂପେ କାମ କରିଥାଏ ।

**ଜିଆ ଜଳ ସଂଗ୍ରହ:** ଗୋଟିଏ ବଡ଼ ମାଟିହାଣ୍ଡି ବା ୨୦୦ ଲିଟର ପ୍ଲାଷ୍ଟିକ୍ ଡ୍ରମର ତଳ ପଟେ ଏକ ଟ୍ୟାପ୍ ଲଗାଇ ଛାଇରେ ଉଚ୍ଚ ସ୍ଥାନରେ ରଖାଯାଏ । ତଳପଟେ ୫ ସେ.ମି. କରି ଚିପ୍ସ୍ ଓ ବାଲି, ଜଳ ନିଷ୍କାସନ ପାଇଁ ଦିଆଯାଏ । ଏହା ଉପରେ ଅଧାସଢ଼ା ପରିବା ଚୋପା, ରୋଷେଇ ଘର ଆବର୍ଜନା ଏବଂ ଏକ ସପ୍ତାହରେ ପୁରୁଣା ସଢ଼ା ଗୋବରର ମିଶ୍ରଣକୁ ଖେଳାଇ ଦିଆଯାଏ ଏବଂ ତା'ଉପରେ ୫୦୦-୧୦୦୦ଟି ଲାଲ ଜିଆକୁ ଛାଡ଼ି ଦିଆଯାଏ । ଡ୍ରମ୍ ଉପରେ ଏକ ମାଟି ପାତ୍ର ରଖାଯାଏ, ଯାହାର ତଳ ଭାଗରେ ଏକ କଣା କରଯାଇ କପଡାର ବଳିତା ଏହି କଣାରେ ଲଗାଯାଏ । ଫଳରେ ପାଣି ବିନ୍ଦୁ ବିନ୍ଦୁ ହୋଇ ପଡ଼ିଥାଏ । ଖତରେ ଜିଆ ଲାଳ, ମଳ ଏବଂ ମୃତ ଶରୀର ମିଶିଥାଏ । ୧ ସପ୍ତାହ ପରେ ଡ୍ରମ୍ ଉପରେ ଥିବା ପାତ୍ରରେ ପାଣି ପୂର୍ଣ୍ଣ କରାଯାଏ । ତାହାର ୨-୩ ଦିନ ପରେ ଡ୍ରମ୍ ଟ୍ୟାପ୍ ଖୋଲି ଜିଆ ଜଳ ସଂଗ୍ରହ କରାଯାଏ । ଜିଆ ଜଳ ସଂଗ୍ରହ ପରେ ସଢ଼ା ଗୋବର ଡ୍ରମ୍‌ରେ ଦେଲେ ଜିଆ ଭଲ ବଢ଼ିଥାନ୍ତି । ୩-୪ ଥର ଜିଆ ଜଳ ସଂଗ୍ରହ ( ୧ ମାସ ମଧ୍ୟରେ) କରିବା ପରେ ଅଧିକାଂଶ ଜିଆ ମରିଯିବାର ଦେଖିଲେ ପୁନର୍ବାର ଜିଆ ଛାଡି ଏହି ପ୍ରକ୍ରିୟା ଚାଲୁ ରଖାଯାଏ ।



**ସବୁଜ ସାର:**

ମୃତ୍ତିକାର ଉର୍ବରତା ଶକ୍ତି ଓ ଜୈବାଂଶର ବୃଦ୍ଧି ତଥା ଅଧିକ ଉପକାରୀ ଜୀବାଣୁ ସୃଷ୍ଟି ପାଇଁ ଏହା ବେ୍ ସହାୟକ ହୋଇଥାଏ । ଅନୁର୍ବର, ଲୁଣି, କ୍ଷାରୀ, ଅମ୍ଳୀୟ ଓ ଧୋଇ ଯାଉଥିବା ମାଟି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିଲାଗି ଏକର ପ୍ରତି ଧନିଚା ମଞ୍ଜି ୧୦ କି.ଗ୍ରା. ଛଣି, ବରଗଡ଼ି, ଗୁଆଁର, ଡାଲିଜାତୀୟ ଫସଲର ମଞ୍ଜି ୨୦-୨୫ କି.ଗ୍ରାକୁ ଫସଲ ବୁଣା ବା ରୁଆର ଦେଢ଼ ମାସ ପୂର୍ବରୁ ବତର ଥିବା ମାଟିରେ ବୁଣାଯାଏ । ସବୁଜ ସାର ଗଛର ୪୦ ଦିନ ବେଳକୁ ବା ଫୁଲ ଆସିବା ସମୟରେ ବା ପୂର୍ବରୁ ହଳକରି ମଇ ଦେଇ ପାଣିଥିବା ମାଟିରେ ମିଶାଇ ଦିଆଯାଏ ବା ବେଉଷଣି କରାଯାଏ । ଏକ ସପ୍ତାହ ପର୍ଯ୍ୟନ୍ତ ପାଣି ବାନ୍ଧି ରଖିଲେ ଏହା ଭଲ ପଚିଥାଏ । ଏହାଦ୍ୱାରା ମୁଖ୍ୟ ଫସଲକୁ ଏକର ପ୍ରତି ପ୍ରାୟ ୧୬ କି.ଗ୍ରା. ଯବକ୍ଷାରଜାନ ମିଳିଥାଏ ଓ ୫୦-୬୦ କ୍ୱିଣ୍ଟାଲ ଜୈବାଂଶ ମାଟିରେ ମିଶିଥାଏ । ଏହାଦ୍ୱାରା ମାଟିର କାର୍ବନ ପରିମାଣ, ଖଣିଜ ପଦାର୍ଥର ଉପଯୋଗୀତା, ମାଟି ଭିତରର ଜୈବିକ ଗତିବିଧିକୁ ବଢ଼ାଇବା ସହ ଘାସ, ବାଲୁଙ୍ଗା ଓ ରୋଗପୋକ ସଂକ୍ରମଣକୁ କମାଇବାରେ ସାହାଯ୍ୟ କରିଥାଏ । ଏଥିରେ ଖର୍ଚ୍ଚ ଖୁବ୍ କମ୍ ହୋଇଥାଏ ।

ଧନିଚା ମଞ୍ଜି ପାଇବା ନିମନ୍ତେ ତାହାକୁ ହିଡ଼ରେ ବୁଣାଯାଏ । ଧନିଚା ଗଛର ଡାଳ ପକ୍ଷୀ ଆଶ୍ରୟ ସ୍ଥଳ ରୂପେ କାର୍ଯ୍ୟ କରିବା ସହ ତାହାର ମଞ୍ଜି ସଂଗ୍ରହ ପରେ ଭଲ ଜାଳେଣୀ ରୂପେ ବ୍ୟବହୃତ ହୋଇଥାଏ ।

**ଜୀବାଣୁ ସାର:**

ଯେଉଁ ସାର ମାଧ୍ୟମରେ ଅଣୁଜୀବଗୁଡ଼ିକୁ ଫସଲ ବୃଦ୍ଧି ଓ ପୋଷଣ ନିମନ୍ତେ ବ୍ୟବହାର କରାଯାଏ, ତାହାକୁ 'ଜୀବାଣୁ ସାର' କୁହାଯାଏ । ବାୟୁମଣ୍ଡଳୀୟ ୭୮ ପ୍ରତିଶତ ଯବକ୍ଷାରଜାନକୁ ସିଧାସଳଖ କେତେକ ଅଣୁଜୀବ ସଂଗ୍ରହ କରି ଗଛକୁ ଯୋଗାଇଥାନ୍ତି । ମୃତ୍ତିକାରେ ଥିବା ଅଦ୍ରବଣୀୟ ଅବସ୍ଥାରେ ଅନେକ ଫସ୍‌ଫରସ୍ ରହିଥିବାବେଳେ କେତେକ ଜୀବାଣୁ ଓ ଫିମ୍ପି ସେହି ଫସ୍‌ଫରସ୍‌କୁ ଦ୍ରବୀଭୂତ କରି ନିଜର ଆବଶ୍ୟକତାକୁ ପୂରଣ କରିବା ସହିତ ଫସଲକୁ ଯୋଗାଇଥାନ୍ତି । ଅମ୍ଳୀୟ ମୃତ୍ତିକାରେ ଏହା ଫସ୍‌ଫରସ୍ ଗଛକୁ ଯୋଗାଇଥାଏ ।

ଏହା ✦ ପୋଷକ ତତ୍ତ୍ୱ ଉପଲବ୍ଧି ବୃଦ୍ଧି କରିଥାଏ । ✦ ଚେର ପରିଧିକୁ ଜୀବନ୍ତ ରଖିଥାଏ। ✦ ଫସଲ ବୃଦ୍ଧିକାରକ ଉତ୍ପାଦନ କରିଥାଏ । ✦ ଚେର ବୃଦ୍ଧି ଓ ପ୍ରସାର

ଘଟାଇଥାଏ। ✦ ଗଛାଶକ୍ତି ବୃଦ୍ଧି କରିଥାଏ । ✦ କୃଷି ଉତ୍ପାଦର ଗୁଣବତ୍ତା ଓ ପରିମାଣ ବୃଦ୍ଧି କରିଥାଏ । ✦ ସାର ବିନିଯୋଗ ଦକ୍ଷତା ବୃଦ୍ଧି ଘଟାଇଥାଏ । ✦ ଜୈବିକ ଓ ଅଜୈବିକ ଚାପ ସହଣୀଶକ୍ତି ବଢ଼ାଇଥାଏ । ✦ ମୃତ୍ତିକାର ସ୍ଥାୟୀ ବୃଦ୍ଧିରେ ସହାୟକ ହୋଇଥାଏ । ✦ ଅବଶେଷ ପ୍ରଭାବ ଛାଡ଼ିଥାଏ । ✦ କୃଷି ବ୍ୟବସ୍ଥାକୁ ଚିରପୋଷ୍ୟମାନ କରିବାରେ ସାହାଯ୍ୟ କରିଥାଏ ।

ମାଟିରେ ଅଧିକ ଖତ ଦେଲେ ଏହି ଅଣୁଜୀବମାନଙ୍କର ବଂଶ ବୃଦ୍ଧି ଅଧିକ ହୋଇଥାଏ । ଜୀବାଣୁସାରର ବୈଧ ତାରିଖ ମଧ୍ୟରେ ବ୍ୟବହାର କରିବା ଆବଶ୍ୟକ । ଜୀବାଣୁ ସାର ଭଲ କାର୍ଯ୍ୟ କରିବା ନିମିତ୍ତ ମାଟିରେ ଆର୍ଦ୍ରତା ରହିବା ଦରକାର ଓ ମାଟି ଭିତରେ ପ୍ରୟୋଗ କରାଯାଏ। ଜୀବାଣୁ ସାର ପ୍ୟାକେଟ୍ ସବୁବେଳେ ଥଣ୍ଡା, ଶୁଖିଲା, ସୂର୍ଯ୍ୟକିରଣ ଓ ଆଲୋକଠାରୁ ଦୂରରେ ରଖାଯାଏ ।

ଜୀବାଣୁସାରର ପ୍ରୟେଗ ୩ ପ୍ରକାରର କରାଯାଏ । **ବିହନ ଉପଚାର-** ୧ କି.ଗ୍ରା. ବିହନ ପ୍ରତି ୨୦ ଗ୍ରାମ୍ ହିସାବରେ ଥଣ୍ଡା ପେଜ ବା ପାଣିରେ ଗୋଳାଇ ବିହନ ସହ ମିଶାଇ ଦିଆଯାଏ । ତାହା ପରେ ଛାଇ ଜାଗାରେ ମଞ୍ଜି ଉପରେ ପ୍ରଲେପ ଲାଗିଯିବା ପର୍ଯ୍ୟନ୍ତ ଶୁଖାଯାଏ।

**ତଳିରେ ପ୍ରୟୋଗ ନିମିତ୍ତ:** ୫୦ ରୁ ୧୦୦ ଲିଟର ପାଣିରେ ୧-୨ କି.ଗ୍ରା. ଜୀବାଣୁସାର ଭଲ ଭାବେ ମିଶାଇ ସେଥିରେ ତଳିକୁ ୧୦ ମିନିଟ୍ ବୁଡ଼ାଇ ରଖି ତଳି ଲଗାଯାଏ।

**ଜମିରେ ପ୍ରୟୋଗ ପାଇଁ** - ପ୍ରାୟ ୧ କ୍ୱିଣ୍ଟାଲ କମ୍ପୋଷ୍ଟ ସହ ୨-୩ କି.ଗ୍ରା ଜୀବାଣୁ ସାର ମିଶାଇ ୪୮ ଘଣ୍ଟା ରଖି ଫସଲର ସିଆରରେ ଦେଇ ପ୍ରୟୋଗ କରାଯାଏ ଓ ବିହନ ବୁଣାଯାଏ । ସବୁପ୍ରକାର ଜୀବାଣୁସାରକୁ ମିଶାଇ ଫସଲରେ ଦେଲେ ଭଲ ଫସଲ ଓ ଅଧିକ ଅମଳ ମିଳିଥାଏ।

**ଯବକ୍ଷାରଜାନ ସୃଷ୍ଟିକାରୀ ଜୀବାଣୁସାର ଗୁଡ଼ିକ ହେଲା-**

**ରାଇଜୋବିୟମ୍-** ଏହା ଡାଲିଜାତୀୟ ଫସଲ ପାଇଁ ଜୀବାଣୁ ସାର ଭାବେ ବ୍ୟବହାର କରାଯାଏ । ଏହା ଦ୍ୱାରା ଗଛର ଚେରରେ ଗଣ୍ଠି ସୃଷ୍ଟି ହୋଇ ଯବକ୍ଷାରଜାନ ବିବର୍ଦ୍ଧିତ ହେବାରେ ଏକର ପ୍ରତି ୨୦ ରୁ ୧୨୦ କି.ଗ୍ରା. ଯବକ୍ଷାରଜାନ (୪୪-୨୬୪ କି.ଗ୍ରା. ୟୁରିଆ ସାର ଅନୁରୂପ) ଫସଲକୁ ମିଳିଥାଏ ।

**ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍-** ଏହି ଜୀବାଣୁ ସାରକୁ ଯେକୌଣସି ଫସଲରେ ଅଣଡାଲି ଫସଲରେ ଦେବା ପରେ ଏହି ଅଣୁଜୀବଗୁଡ଼ିକ ଚେରରେ ଗଣ୍ଠି ନ କରି



ମୁକ୍ତ ଭାବେ ଚେର ପାଖରେ ରହି ବାୟୁମଣ୍ଡଳୀୟ ଯବକ୍ଷାରଜାନକୁ ନିଜ କୋଷରେ ବିବର୍ଦ୍ଧିତ କରିଥାଆନ୍ତି । ଏହା ପ୍ରୟୋଗ କରି ଏକର ପ୍ରତି ପ୍ରାୟ ୧୦ କି.ଗ୍ରା. ଯବକ୍ଷାରଜାନ (୨୨ କି.ଗ୍ରା. ୟୁରିଆ ଅନୁରୂପ) ଫସଲକୁ ମିଳିଥାଏ । ଆଜୋଟୋବ୍ୟାକ୍ଟର ହାଲୁକା ଓ ବାୟୁଚଳାଚଳ ହେଉଥିବା ମାଟି ପାଇଁ ଭଲ । ଆଜୋସ୍ପିରିଲମ୍ ଦୋରସାରୁ ମଟାଳ ମାଟିରେ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ ।

**ଫସ୍ଫେଟ୍ ଦ୍ରବୀଭୂତକାରୀ ଜୀବାଣୁସାର-** ତାହାକୁ ଫସଫୋକଲଚର ବା ପି.ଏସ୍.ବି. ବା ପି.ଏସ୍.ଏମ୍. ଭାବେ ବ୍ୟବହାର କରାଯାଇଥାଏ । ଅମ୍ଳୀୟ ମୃତ୍ତିକାରେ ବିଶେଷତଃ ଏହା ଫସ୍ଫରସ୍ ଗଛକୁ ଯୋଗାଇଥାଏ । ଜଣାଯାଇଛି ଯେ ଏହା ଦ୍ୱାରା ଏକ ଋତୁରେ ଫସଲକୁ ୧୦ କି.ଗ୍ରା. ଫସ୍ଫରସ୍ (୬୨ କି.ଗ୍ରା. ସିଙ୍ଗିଲ୍ ସୁପର୍ ସାର ଅନୁରୂପ) ମିଳିଥାଏ ।

**ଆଜୋଲା ଓ ନୀଳ ହରିତ୍ ଶୈବାଳ:**

ଧାନ ଫସଲରେ ଆଜୋଲାକୁ ଏକ ସବୁଜ ସାର ବା ଜୈବ ଉର୍ବରକ ରୂପେ ବ୍ୟବହାର କରାଯାଏ । ଆଜୋଲାର ପତ୍ରର ପଛପଟେ ନୀଳ ହରିତ୍ ଶୈବାଳ (ବି.ଜି.ଏ) ରହି ଯବକ୍ଷାରଜାନ ଧରି ରଖିଥାଏ । ଧାନ ରୋଇବାର ୩-୪ ଦିନ ମଧ୍ୟରେ ଏକର ପ୍ରତି ୨ କ୍ୱିଣ୍ଟାଲ କଞ୍ଚା ଆଜୋଲା କିଆରୀର ୪-୫ ସେ.ମି. ପାଣିରେ ଛାଡ଼ିଦେଲେ ଏକ ମାସବେଳକୁ ୪୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ । ଏହି ସମୟରେ ପାଣି ଜମିରୁ ଗଡ଼ାଇ ଦେଲେ ଆଜୋଲା ମାଟିରେ ମିଶିଥାଏ ଓ ଏକର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ (୪୪ କି.ଗ୍ରା. ୟୁରିଆ ସାର ଅନୁରୂପ) ଓ ଅନ୍ୟ ଖାଦ୍ୟସାର ତଥା ଯଥେଷ୍ଟ ଜୈବିକ ପଦାର୍ଥ ଯୋଗାଇଥାଏ ।

ସେହିପରି ନୀଳ ହରିତ ଶୈବାଳ (ବି.ଜି.ଏ)କୁ ଏକର ପ୍ରତି ୩-୪ କି.ଗ୍ରା. ବ୍ୟବହାର କରି ୮-୧୦ କି.ଗ୍ରା ଯବକ୍ଷାରଜାନ ଉପଲବ୍ଧ ହୋଇଥାଏ । ଧାନ ରୋଇବାର ୮-୧୦ ଦିନ ମଧ୍ୟରେ ଏହି କଲଚର ସହ ଗୁଣ୍ଡ ମାଟି ମିଶାଇ ଜମିରେ ବିଞ୍ଚି ଦିଆଯାଏ । ଲଗାତାର ୩ ବର୍ଷ ପର୍ଯ୍ୟନ୍ତ ଏହି କଲଚର୍ ବ୍ୟବହାର କଲେ ଆଉ ତାହାର ପ୍ରୟୋଗର ଆବଶ୍ୟକତା ରହି ନଥାଏ।

**ଫସଲ ପର୍ଯ୍ୟାୟ:**

ସାଧାରଣତଃ ଏକ ଜାତୀୟ ଫସଲର ଏକ ଫସଲ ବା ସେହି ଜାତୀୟ ଅନ୍ୟ ଫସଲ ବାରମ୍ବାର ଏକ ଜମିରେ ଚାଷ କଲେ ଜମିର ଉର୍ବରତା ସନ୍ତୁଳିତ ନ ରହି ରୋଗପୋକ

ସଂକ୍ରମଣ ବୃଦ୍ଧି ପାଇଥାଏ ।

ଶସ୍ୟ ଜାତୀୟ ଫସଲ ଚାଷ ପରେ ସାଧାରଣତଃ ଡାଲି ଜାତୀୟ ଫସଲର ଉତ୍ପାଦନ କରାଯା, । ଜମିର ହିଡ଼ ଗୁଡ଼ିକ ଉପରେ ପନିପରିବାର ଓ ଫଳ ଜାତୀୟ ଗଛ ଚାଷ କରାଯାଏ । ବିଭିନ୍ନ ଫସଲ ପର୍ଯ୍ୟାୟ ଅବଲମ୍ବନ କରି ଶସ୍ୟ ଜାତୀୟ ଫସଲ ମଧ୍ୟରେ ଡାଲି ବା ତେଲବୀଜ ବା ପନିପରିବା ଚାଷ କରି ମୃତ୍ତିକାକୁ ସୁସ୍ଥ ରଖିବା ସହ ଅଧିକ ଲାଭ ମିଳିଥାଏ । ଏହି କ୍ରମରେ ଅଗଭୀର ଚେରମୁକ୍ତ ଫସଲ ସହ ଗଭୀର ସ୍ତରକୁ ପ୍ରବେଶ କରୁଥିବା ଚେରଯୁକ୍ତ ଫସଲ ଚାଷ କରିବା ଦ୍ୱାରା ଫସଲ ମଧ୍ୟରେ ଜଳ, ପୋଷକ ଓ ଆଲୋକ ନିମନ୍ତେ ପ୍ରତିଯୋଗିତା ହୋଇ ନଥାଏ । ଅଧିକନ୍ତୁ, ଛୁଇଁ ଜାତୀୟ ଫସଲ ଚାଷର ବାୟୁମଣ୍ଡଳୀୟ ଯବକ୍ଷାରଜାନ ବିବନ୍ଧିତ ହୋଇ ଠିଆ ଫସଲକୁ ଯବକ୍ଷାରଜାନ ପୋଷକ ଯୋଗାଇବା ସହିତ ମୃତ୍ତିକାରେ ସଞ୍ଚିତ ରହି ପରବର୍ତ୍ତୀ ଫସଲକୁ ମିଳିଥାଏ । ସେହିପରି ଅଧିକ ଖାଦ୍ୟ ନେଉଥିବା ଫସଲ ପରେ କମ୍ ଖାଦ୍ୟ ନେଉଥିବା ଫସଲ (ଉଦାହରଣ- ଡାଲି ଜାତୀୟ) ଚାଷ କରାଯାଏ । ସମାନ ରୋଗପୋକ ଲାଗୁଥିବା ଫସଲ ଲାଗଲାଗ ନିଆଯାଏ ନାହିଁ । ଫସଲ ପର୍ଯ୍ୟାୟ ଅବଲମ୍ବନ ବା ଫସଲର କିସମ ବଦଳ କରିବା ଦ୍ୱାରାଅପକାରୀ ପୋକମାନଙ୍କର ସଂଖ୍ୟା ନିୟନ୍ତ୍ରଣରେ ରହିଥାଏ । ସବୁଜସାର ଅର୍ନ୍ତଭୁକ୍ତ ହେଲେ ଭଲ ଫସଲ ମିଳିଥାଏ ।

**ଅନ୍ତଃଫସଲ:**

ଏହା ଦ୍ୱାରା ଉଭୟ ଫସଲରେ ରୋଗପୋକ ପ୍ରାଦୁର୍ଭାବ ହ୍ରାସ ପାଇଥାଏ । ଉଦାହରଣ- ଡ଼ିପ ଧାନ ୪ ଧାଡ଼ି ମଝିରେ ହରଡ଼ ୧ ଧାଡି, ଚିନାବାଦାମ / ମକା ୨ ଧାଡ଼ି ମଝିରେ ବରଗଡ଼ି ୨ଧାଡ଼ି, ବିନ୍/ମକା ୨ଧାଡ଼ି ମଝିରେ ବିଲାତି ବାଇଗଣ / ଲଙ୍କା / ବାଇଗଣ ୪ଧାଡ଼ି, କୋବି ଜାତୀୟ ୨ ଧାଡ଼ି ମଝିରେ ଗୁଆଁର / ପିଆଜ/ ରସୁଣ ୨ ଧାଡ଼ି, ମକା ୨ ଧାଡି ମଝିରେ ଖମ୍ବ ଆଳୁ ୨ ଧାଡ଼ି, ଆଳୁର ୨-୩ ଧାଡ଼ି ମଝିରେ ମୁଳା / ଗାଜର / କୋଶଳା, ମକା- କାକୁଡି / କଖାରୁ ତରଭୁତ / ଲଟା ବିନ୍‌ର ୧ ଧାଡ଼ି ଇତ୍ୟାଦି ।

**ଯନ୍ତା ଫସଲ:**

ମୁଖ୍ୟ ଫସଲ ମଧ୍ୟରେ କମ୍ ଗଛ ବିଶିଷ୍ଟ ଏପରି ଫସଲ ନିଆଯାଏ, ଯାହା ମୁଖ୍ୟ ଫସଲର ରୋଗପୋକଗୁଡ଼ିକୁ ନିଆ ଆଡ଼କୁ ଆକର୍ଷିତ କରିଥାଏ । ଫଳରେ ମୁଖ୍ୟ ଫସଲରେ ଅଳ୍ପ କ୍ଷତି ହୋଇଥାଏ, ଉଦାହରଣ: ୧) ୨୫ ଧାଡ଼ି କୋବି ପରେ ୨ ଧାଡ଼ି ସୋରିଷ ନେଇ



ଠିକିରି ପିଠିଆ ପୋକ, ୨) ବାଇଗଣ ଜାତୀୟ ଫସଲ ମଧ୍ୟରେ ଗେଣ୍ଡୁ ଲଗାଇ ସୂତ୍ରକୀଟ, ୩) କପା ଫସଲ ଚାରିପଟେ ଭେଣ୍ଡି, ୪) ଚିନାବାଦାମ ଫସଲ ମଧ୍ୟରେ ଜଡ଼ା ଫସଲରେ ନାଲି ସଁବାଳୁଆ, ୫) ହରଡ଼ ଓ ବୁଟ ମଧ୍ୟରେ ଗେଣ୍ଡୁ ଲଗାଇବାରେ ଛୁଇଁ ବିନ୍ଧା ପୋକ, ୬) କପା ମଧ୍ୟରେ ସୂର୍ଯ୍ୟମୁଖୀ ଲଗାଇ ପାଟଳ ବକରା ପୋକ ଆଦି । ଯନ୍ତା ଫସଲ ମଧ୍ୟ ବାଡ ଫସଲ ଭାବେ କାର୍ଯ୍ୟ କରିଥାଏ ।

**ପାର୍ଶ୍ୱ ଫସଲ:**

ଅନେକ ସମୟରେ ଜମିର ହୁଡ଼ା ଖାଲି ପଡ଼ିଥାଏ, ସେହି ସ୍ଥାନରେ ବିଭିନ୍ନ ଫସଲ ଯଥା- ହରଡ଼, ଶିମ୍ବ, କାକୁଡ଼ି, ଜହ୍ନି, ମକା, ମାଟିଆଳୁ (ବର୍ଷାଦିନେ) ଓ ଲଟା ଶିମ୍ବ, ଭେଣ୍ଡି, କାକୁଡ଼ି, କଲରା, ମକା, ଗୁଆଁର (ଶୀତ ଦିନେ) ଏବଂ ଖଡ଼ା ଶାଗ, ଅମୃତ ଭଣ୍ଡା, ସଜନା, କଦଳୀ (ବର୍ଷସାରା) ଚାଷ କରିବା ଦରକାର । ଖେତ ହୁଡ଼ାରେ ଯବକ୍ଷାରଜାନ ଯୋଗାଉଥିବା ଉଭିଦ, ଗ୍ଲିରିସିଡ଼ିଆ, ଧନିଚା ଲଗାଇଲେ ମୃତ୍ତିକାକୁ ଉର୍ବର ରଖିବା ସହ ପକ୍ଷୀ ଆଶ୍ରୟ ସ୍ଥଳ ରୂପେ କାର୍ଯ୍ୟ କରିଥାଏ ।

**ଲଗାତାର ଚାଷ (ରିଲେ କ୍ରପି):**

ଭିନ୍ନ ଅମଳ ସମୟ ଥିବା ୨ ବା ଅଧିକ ଫସଲକୁ ଚାଷ କରାଯାଏ । କମ୍ ଦିନର ଫସଲ ଅମଳ ପୂର୍ବରୁ ଅନ୍ୟ ଏକ ଫସଲ ନିଆଯାଏ । ଯେତେବେଳେ ୨ୟ ଫସଲଟି ଫଳ ଧରିବା ଅବସଥାରେ ଥାଏ, ସେ ସମୟରେ ୩ୟ ଫସଲକୁ ତା' ମଧ୍ୟରେ ଲଗାଯାଏ । ଏହିପରି ବର୍ଷକୁ ୩-୭ଟି ପନିପରିବା / ଫସଲ ଚାଷ କରି ହୁଏ । ଫଳରେ ଖତସାର, ଶ୍ରମ, ଜଳସେଚନ, ହଳ ବାବଦେ ଖର୍ଚ୍ଚ କମି ଯାଇ ସମୁଦାୟ ଜମି ବର୍ଷସାରା ପୁରାମାତ୍ରାରେ ବିନିଯୋଗ ହୋଇଥାଏ ଓ ଅଧିକ ଆୟ ମିଳିଥାଏ ।

**ମିଶ୍ରିତ ଚାଷ:**

ମିଶ୍ରିତ ଫସଲ ବା ଅନ୍ତଃ ଫସଲ ଚାଷର ଗୌଣ ବା ଅନ୍ତଃଫସଲଟି ଯନ୍ତା ଫସଲ ରୂପେ କାର୍ଯ୍ୟ କରିବା ହେତୁ ମୁଖ୍ୟ ଫସଲରେ ରୋଗପୋକ ସଂକ୍ରମଣ ହ୍ରାସ ପାଇଥାଏ । ଏକକ ଜମିରୁ ଅଧିକ ଫସଲ ଅମଳ ଓ ଲାଭ ମିଳିଥାଏ । ଯଥା - ଧାନ+ହରଡ / ଚିନାବାଦାମ / ମୁଗ/ ବିରି /ଭେଣ୍ଡି । ଉଭୟ ଫସଲ ପୂର୍ଣ୍ଣ ଭାବେ ପ୍ରାକୃତିକ ସମ୍ପଦ (ଆଲୋକ, ବାୟୁ, ଖାଦ୍ୟସାର ଆଦି) ବ୍ୟବହାର କରି ଫସଲର ଉତ୍ପାଦନ ବଢ଼ାଇଥାଏ । ମିଶ୍ରିତ ଫସଲରେ ନିଶ୍ଚିତ ରୂପେ

ଏକ ଡାଲି ଜାତୀୟ ଫସଲ ରହିଥିବା ଆବଶ୍ୟକ ।

**ଛାଦିକରଣ ବା ଆବରଣ ଫସଲ ଚାଷ:**

ଗଛ ମୂଳେ ଅନାବନା ଶୁଖିଲା ଘାସ ଲଟା, ପତ୍ର, ନଡ଼ା ଓ ଅନ୍ୟ ଜୈମିକ ଅବଶେଷ ଆଦି ବିଛେଇ ଦେଲେ ଆଲୋକ ଅଭାବରୁ ଘାସ ବଢ଼ିପାରି ନଥାଏ । ଏହା ଦ୍ୱାରା ମୃତ୍ତିକାର ଉର୍ବରତା ବଢ଼ିଥାଏ ଓ ଜଳଧାରଣ ତଥା ବିନିଯୋଗ ଉତ୍ତମ ହୋଇଥାଏ । ଉଇ ଆକ୍ରାନ୍ତ ଅଞ୍ଚଳରେ ନିମ୍ବ, କରଞ୍ଜ ପିଡ଼ିଆ ଦେଇ ବା ପ୍ଲାଷ୍ଟିକ୍ ଚାଦର ବ୍ୟବହାର କରି ଛାଦିକରଣ କରାଯାଇଥାଏ । ଛାଦିକରଣ ଦ୍ୱାରା ମୃତ୍ତିକାରେ ଜିଆ ଓ ଅଣୁଜୀବ ଗତିପବିଧି କ୍ଷିପ୍ରହେବା ପରେ ମୃତ୍ତିକା କ୍ଷୟକୁ ହ୍ରାସ କରିଥାଏ ।

**ଅମୃତ ପାଣି:**

ସଜ ଗାଈ ଗୋବର ୧୦ କି.ଗ୍ରା. ସହ ୨୫୦ ଗ୍ରାମ ଗାଈ ଘିଅକୁ ୨ ଘଣ୍ଟା ଭଲ ରୂପେ ଗୋଳାଇ ତହିଁରେ ୫୦୦ ଗ୍ରାମ୍ ମହୁ ମିଶାଯାଏ । ଏହି ମିଶ୍ରଣକୁ ୨୦୦ ଲିଟର ଜଳ ମିଶାଇ ଭଲ ଭାବେ ଗୋଳାଇ ୭ଦିନ ପର୍ଯ୍ୟନ୍ତ ଛାଇରେ ଘୋଡ଼ାଇ ରଖାଯାଏ । ବିହନ ବୁଣା ବା ଚାରାରୋପଣ ପୂର୍ବରୁ ଏହି ୨୦୦ ଲିଟର ଦ୍ରବଣକୁ ୧ ଏକର ଜମିରେ ସିଞ୍ଚନ କରାଯାଏ । ପୁନର୍ବାର ୧ ମାସ ପରେ ୨ ଧାଡ଼ି ଗଛ ମଝିରେ ଅଥବା ସିଆର ବା ସେଚିତ ଜଳରେ ମିଶାଇ ପ୍ରୟୋଗ କରାଯାଏ । ଏହା ମୃତ୍ତିକାର ଉର୍ବରତା ବଢ଼ାଇବା ସହ ଉଦ୍ଭିଦକୁ ଉପଯୁକ୍ତ ପୋଷକ ଯୋଗାଇଥାଏ ଓ ଫସଲରୁ ଉନ୍ନତ ଗୁଣମାନର ଅମଳ ମିଳିଥାଏ ।

**ପଞ୍ଚଗବ୍ୟ:**

ଗୋମାତାରୁ ମିଳୁଥିବା ବିଭିନ୍ନ ଉତ୍ପାଦ ଯାହା ଗୋବର, ଗୋମୂତ୍ର, କ୍ଷୀର, ଦହି ଓ ଘିଅ, ସେସବୁର ସମ୍ମିଶ୍ରଣରୁ ପ୍ରସ୍ତୁତ ଦ୍ରବଣକୁ ପଞ୍ଚଗବ୍ୟ କୁହାଯାଏ ।

ସଜ ଗାଈ ଗୋବର ୫ କି.ଗ୍ରା. + ଗୋମୂତ୍ର ୩ ଲିଟର + ଗାଈର କ୍ଷୀର ୫ ଲିଟର + ଦହି ୨ ଲିଟର + ଗାଈ ଘିଅ ୧ କି.ଗ୍ରାକୁ ଏକ ମାଟି ପାତ୍ରରେ ଭଲ ରୂପେ ମିଶାଇ ଘୋଡ଼ଣୀ ଦେଇ ଛାଇରେ ଏକ ସପ୍ତାହ ପର୍ଯ୍ୟନ୍ତ ସଢ଼ାଇ ରଖାଯାଏ । ଦୈନିକ ସକାଳେ ଓ ସନ୍ଧ୍ୟାରେ ୨ ଥର କରି ଘାଣ୍ଟି ଦିଆଯାଏ ଓ ମୃତ୍ତିକାରେ ପ୍ରୟୋଗ କରାଯାଏ । ୩୦ ମି.ଲି. ପଞ୍ଚଗବ୍ୟସହ ୧ ଲିଟର ପାଣି ହିସାବରେ ଦ୍ରବଣ ପ୍ରସ୍ତୁତ କରି ୧୫ ଲିଟର ପଞ୍ଚଗବ୍ୟକୁ ୫୦୦ ଲିଟର ପାଣିରେ ମିଶାଇ ଓଦା ମାଟି ଉପରେ ସନ୍ଧ୍ୟାରେ ସିଞ୍ଚନ କରାଯାଏ । ୨୦ ଲିଟର ପଞ୍ଚଗବ୍ୟ ୧ ଏକର



ଜମିରେ ସେଚିତ ଜଳ ସହ ମିଶାଇ ମାଟିଶୋଧନ କରାଯାଏ । ଠିଆ ଫସଲରେ ୨-୩ ଥର ଏହାକୁ ସିଞ୍ଚନ କରାଗଲେ ଭଲ ଫସଲ ମିଳିଥାଏ ।

ଏହା ସହ ମହାପଞ୍ଚଗବ୍ୟ, ଗୋମୂତ୍ର-ନିମ୍ବ=ତୁଳସୀ, ଗୋମୂତ୍ର-ନିମ୍ବ, ଗୋମୂତ୍ର-କରଞ୍ଜ ମିଶ୍ରିତ ପ୍ରକ୍ରିୟା ବନସ୍ପତିର ପ୍ରୟୋଗ କରି ମାଟି ଓ ଫସଲକୁ ନିରୋଗ ଓ ହୃଷ୍ଟପୁଷ୍ଟ କରାଯାଇଥାଏ ।

**ପଞ୍ଚଗବ୍ୟ ପ୍ଲସ୍:**

ଗୋମାତାଠାରୁ ମିଳୁଥିବା ୫ଟି ଉପାଦାନ ସହ ପଇଡ଼ପାଣି, ଆଖୁରସଳ, ପାଚିଲା କଦଳୀ, ଅଙ୍ଗୁର ରସ ଓ ଗୁଡ଼ ମିଶାଇ ପଞ୍ଚଗବ୍ୟ ପ୍ଲସ୍ ପ୍ରସ୍ତୁତ କରାଯାଇଥାଏ ।

ପ୍ରଥମେ ଏକ ମାଟି ହାଣ୍ଡିରେସଦ୍ୟ ଗୋବର ୫ କି.ଗ୍ରାକୁ ଗାଈ ଘିଅ ୧ କି.ଗ୍ରା. ସହ ଭଲ ଭାବେ ବିଶାଇ ଛାଇରେ ପ୍ରତିଦିନ ଦିନକୁ ୨ ଥର କରି ଘାଣ୍ଟି ୩-୪ଦିନ ସଢ଼ାଇ ରଖାଯାଏ । ଏହାପରେ ଏଥିରେ ୧୨ଟି ପାଚିଲା କଦଳୀକୁ ଚକଟି ମିଶାଇ ତହିଁରେ ଗାଈ କ୍ଷୀର ୫ ଲିଟର, ଦହି ୨ ଲିଟର, ପଇଡ଼ ପାଣି ୩ ଲିଟର, ଅଙ୍ଗୁର ରସ ୨ ଲିଟର ଓ ଗୁଡ଼ ୧ କି.ଗ୍ରା.କୁ ମିଶାଇ ଦିଆଯାଏ । ଏହି ମଶ୍ରଣକୁ ପୁନର୍ବାର ଦିନକୁ ୨ ଥର କରି ଘାଣ୍ଟି ୧୫ ଦିନ ପର୍ଯ୍ୟନ୍ତ ରଖାଯାଏ । ଆଖୁ ରସ ଓ ଅଙ୍ଗୁର ରସ ବଦଳରେ ୬୦୦ ଗ୍ରାମ ଗୁଡ଼, ୧୦୦ ଗ୍ରାମ୍ ଇଷ୍ଟ ଓ ୨ ଲିଟର ଉଷୁମ ପାଣିର ମିଶ୍ରଣ ବ୍ୟବହାର କରାଯାଏ ।

ଏହି ପଞ୍ଚଗବ୍ୟ ପ୍ଲସ୍ ମୃତ୍ତିକାର ଉର୍ବରତା ବଢ଼ାଇଥାଏ । ୧ ଏକର ଜମିରେ ଏହାର ୨୦ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ଓଦା ମାଟି ଉପରେ ସିଞ୍ଚନ କରାଯାଏ । ଏହାକୁ ବିହନ ବିଶୋଧନ ନିମିତ୍ତ ବ୍ୟବହାର କରାଯାଇଥାଏ ।

**ଜୀବାମୃତ:**

ଏହା ଏକ ତରଳ ଜୈବିକ ଖାଦ୍ୟସାର, ଯାହା ଉଦ୍ଭିଦର ବଢ଼ିବା, ଫୁଲ ଓ ଫଳ ହେବା ସମୟରେ ସାଧାରଣତଃ ପ୍ରୟୋଗ କରାଯାଏ ।

ଆବଶ୍ୟକ ଉପକରଣ ହେଲା- ଗାଈର ଗୋବର ୧୦ କି.ଗ୍ରା., ଗୋମୂତ୍ର ୫-୧୦ ଲିଟର, ଗୁଡ଼-୨ କି.ଗ୍ରା., ଡାଲି ବେସନ ୨ କି.ଗ୍ରା., ଉର୍ବରିଆ ମାଟି ୧ କି.ଗ୍ରା., ପାଣି - ୨୦୦ ଲିଟର ଓ ପାତ୍ର - ମାଟି / ସିମେଣ୍ଟ / ପ୍ଲାଷ୍ଟିକ୍ ।

ଉପର ସମସ୍ତ ପଦାର୍ଥକୁ ୨୦୦ ଲିଟରର ପ୍ଲାଷ୍ଟିକ୍ ଡ୍ରମ୍‌ରେ ମିଶାଇ ଛାଇରେ ରଖିବ

ଦିନକୁ ୨ ଥର (ସକାଳେ ଓ ସନ୍ଧ୍ୟାରେ) ଏକ ବାଡ଼ି ସାହାଯ୍ୟରେ ଗୋଳାଇ ଦିଆଯାଏ । ଡ୍ରମ୍‌କୁ ଜାଲି / ଚଟିଆ / କପଡ଼ା ଦ୍ୱାରା ଘୋଡ଼ାଇ ରଖାଯାଏ । ଏହିପରି ୩-୭ ଦିନ ମଧ୍ୟରେ ଜୀବାମୃତ ପ୍ରସ୍ତୁତ ହୋଇଥାଏ । ଏହି ୨୦୦ ଲିଟର ଜୀବାମୃତକୁ ୧ ଏକର ଫସଲରେ ସିଞ୍ଚନ କରାଯାଏ । ଫଳ ଓ ଫୁଲ ଗଛ ଆଦିର ମୂଳରେ ଏହାକୁ ଓଦା ମାଟି ଉପରେ ସିଞ୍ଚନ କରାଯାଏ । ପ୍ରଥମ ମାସରେ ୨ ଥର ଓ ପରମାସରେ ୧ ଥର ପ୍ରୟୋଗ କରାଯାଏ । ରୋପଣ କରାଯାଉଥିବା ପନିପରିବାର ଚାରା ଗୁଡ଼ିକର ଚତୁପାର୍ଶ୍ୱରେ ସିଞ୍ଚନ କଲେ ଫସଲ ଭଲ ହୋଇଥାଏ ।

**ବୀଜାମୃତ:**

ଏହା ଏକ ତରଳ ଖତ ପରି, ଯାହା ସହ ମଞ୍ଜି ଓ ଚାରାର ଶୋଧନ କରିବା ଦ୍ୱାରା ଜୀବାଣୁ ଓ ଫିମ୍ପି ଦାଉରୁ ରକ୍ଷା କରିବାରେ ବିହନରୁ ସୁସ୍ଥ ଗଜା ବାହାରି ବଳିଷ୍ଠ ଚାରା ବଢ଼ିଥାଏ । ଏଥିଲାଗି ଦେଶୀ ଗାଇର କଞ୍ଚା ଗୋବର ୫ କି.ଗ୍ରା., ଗୋମୂତ୍ର ୫ ଲିଟର, ଚୂନ ୫୦ଗ୍ରାମ, ଉଇହୁଙ୍କା ଅଥବା ବରଗଛ ତଳ ଉର୍ବରିଆ ମାଟି ୫୦ ଗ୍ରାମ, ଜଳ ୨୦ ଲିଟର ଓ ମାଟି / ପ୍ଲାଷ୍ଟିକ/ ସିମେଣ୍ଟ ପାତ୍ର ଦରକାର ପଡ଼ିଥାଏ । ଉକ୍ତ ପାତ୍ରରେ ଗାଈ ଗୋବରକୁ ଗୋଟିଏ ଜାଲି କପଡ଼ାରେ ବାନ୍ଧି ସନ୍ଧ୍ୟାରେ ୧୦ ଲିଟରପାଣିରେ ବୁଡ଼ାଇ ୧୦ ଘଣ୍ଟା ଭିଜାଯାଏ । ୫୦ ଗ୍ରାମ ଚୂନକୁ ୧ ଲିଟର ପାଣିରେ ଅନ୍ୟ ଏକ ପାତ୍ରରେ ଗୋଳାଇ ଦ୍ରବଣ ପ୍ରସ୍ତୁତ କରାଯାଏ । ୧୦ ଘଣ୍ଟା ପରେ ଗୋବରକୁ ପାଣି ଭିତରେ ଥାଇ ଚିପୁଡ଼ି ଦେଇ ତାହାକର ଖଦଡ଼ା ଅଂଶକୁ କପଡ଼ା ସହ କାଢ଼ି ନିଆଯାଏ । ସେହି ଗୋବର ପାଣିରେ ଗୋମୂତ୍ର ୫ ଲିଟର, ୧ ଲିଟର ଚୂନ ଦ୍ରବଣ ଓ ମାଟି ୫୦ ଗ୍ରାମକୁ ଭଲ ଭାବେ ଗୋଳାଇ ଅବଶିଷ୍ଟ ପାଣିକୁ ସେଥିରେ ମିଶାଇ ଦିଆଯାଏ । ଏକ ବାଡ଼ି ସାହାଯ୍ୟରେ ଏହାକୁ ଭଲ ଭାବେ ଘାଣ୍ଟି ୨୪ ଘଣ୍ଟା (୧ଦିନ) ଛାଡ଼ି ଦିଆଯାଏ । ଏହି ୨୪ ଘଣ୍ଟା ଭିତରେ ୨-୩ ଥର ଘାଣ୍ଟିଲେ ସେଥିରେ ଅଣୁଜୀବ ସଂଖ୍ୟା ଯଥେଷ୍ଟ ବଢ଼ିଯାଏ ।

ବିହନକୁ ତଳି ପାଇଁ ଗଜା ବା ବୁଣିବା ପୂର୍ବରୁ ଏଥିରେ ଗୋଳାଇ (୩୦ ମିନିଟ୍ ଭିଜାଇ ରଖି) ଛାଣି ଛାଇରେ ଶୁଖାଇ ଦିଆଯାଏ । ବିଭିନ୍ନ ଫସଲର ଚାରାଗୁଡ଼ିକର ଚେରକୁ ଏଥିରେ ୩୦ ମିନିଟ୍‌ରୁ ୬୦ ମିନିଟ୍ ପର୍ଯ୍ୟନ୍ତ ଛଡ଼ାଇ ରୋପଣ କରାଯାଏ । ଫୁଲ ଓ ଫଳ ଗଛର ମୂଳରେ ଖାଦ୍ୟସାର ରୂପେ ପ୍ରୟୋଗ କରାଯାଏ ।

**ତରଳ ଖାଦ୍ୟ ଓ କୀଟନାଶକ:**

ଆବଶ୍ୟକ ପଦାର୍ଥଗୁଡ଼ିକ ହେଲା-୩୫ ଲିଟରର ଏକ ପ୍ଲାଷ୍ଟିକ୍ ଡ୍ରମ୍, ନିମ୍ବ, ଅରଖ, ମନ୍ଦାର, କନି ଗଛର ପତ୍ର ୮-୧୦ କି.ଗ୍ରା. ଗାଈ ଗୋବର ୫ କି.ଗ୍ରା., ଗୋମୂତ୍ର ୫ ଲିଟର,



ଲହୁଣୀ ୨ ଲିଟର, ବେସନ ୫୦୦ ଗ୍ରାମ୍, ଗୁଡ଼ ୫୦୦ ଗ୍ରାମ୍, ରସୁଣ- ୧୦୦ ଗ୍ରାମ୍ ଓ ଉର୍ବରିଆ ମାଟି ୫୦୦ ଗ୍ରାମ୍ ।

ଛାଇରେ ସମସ୍ତ ପଦାର୍ଥଗୁଡ଼ିକୁ ପ୍ଲାଷ୍ଟିକ୍ ଡ୍ରମ୍‌ରେ ମିଶାଇ ଡ୍ରମ୍‌ଟିକୁ ଜଳପୂର୍ଣ୍ଣ କରାଯାଏ । ପ୍ରତିଦିନ ଦିନକୁ ୨ ଥର (ସକାଳେ ଓ ସନ୍ଧ୍ୟାରେ) କାଠର ଏକ ବାଡ଼ି ସାହାଯ୍ୟରେ ଡ୍ରମ୍‌ରେ ତରଳ ପଦାର୍ଥକୁ ଘଣ୍ଟାଯାଏ ଓ ଜାଲି ବା କପଡ଼ା ସାହାଯ୍ୟରେ ଢାଙ୍କି ରଖାଯାଏ । ଏହା ୨୦-୨୫ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଗଲା ପରେ ୫-୧୦ ଲିଟର ମିଶ୍ରଣକୁ ୧୦୦ ଲିଟର ପାଣିରେ ମିଶାଇ ସଙ୍ଗେ ସଙ୍ଗେ ଫସଲରେ ସିଞ୍ଚନ କରାଯାଏ ।

**ଲଙ୍କା-ରସୁଣ-ଅଦା-ଧୂଆଁପତ୍ର-ଟିପଲ୍ ଅର୍କ:**

ଏହି ଅର୍କ ଫସଲର ସମସ୍ତ ପ୍ରକାର ପୋକ ଯଥା- ପତ୍ରଖିଆ ପୋକ, ଫଳବିନ୍ଧା ପୋକ, ଶୋଷକ ପୋକ ଆଦିଙ୍କୁ ନିୟନ୍ତ୍ରିତ କରିବା ସହ ବିଭିନ୍ନ ଫସଲରେ ଦେଖାଯାଉଥିବା ପତ୍ର ଦାଗ ରୋଗ ଆଦିକୁ ହ୍ରାସ କରିଥାଏ ।

କଞ୍ଚାଲଙ୍କା ୫୦୦ ଗ୍ରାମ୍ + ଅଦା ୫୦୦ ଗ୍ରାମ୍, + ରସୁଣ ୧ କି.ଗ୍ରାକୁ ବାଟି ଅଲଗା ରଖାଯାଏ । ଧୂଆଁପତ୍ର ୫୦୦ ଗ୍ରାମର ଗୁଣ୍ଡକୁ ୧ ଲିଟର ଗରମ ପାଣିରେ ୧୨ ଘଣ୍ଟା ରଖିବା ପରେ ଛାଣି ଦିଆଯାଏ । ଏହାପରେ ଏକ ମାଟିପାତ୍ରରେ ବା ପ୍ଲାଷ୍ଟିକ୍ ବାଲ୍‌ତିରେ ଉଭୟ ବଟା ଓ ଦ୍ରବଣକୁ ମିଶାଇ ସେଥିରେ ୫ ମି.ଲି. ଟିପର ମିଶାଇ ଭଲ ଭାବେ ମିଶାଇ ଘୋଡ଼ଣୀ ଦେଇ ୨ ଦିନ ଛାଇରେ ରଖାଯାଏ । ତାହା ପରେ ଏହି ମିଶ୍ରଣକୁ ଛାଣି ୧୦ ମି.ଲି ଲିଟର ପାଣି ପ୍ରତି ଦ୍ରବଣ ପ୍ରସ୍ତୁତ କରି ୧୦-୧୨ ଦିନ ଅନ୍ତରରେ ଫସଲରେ ୩-୪ ଥର ସିଞ୍ଚନ କରି ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରାଯାଏ ।

**ଅଗ୍ନିଶସ୍ତ୍ର:**

କଞ୍ଚାଲଙ୍କା, ରସୁଣ ଓ ଅଦା ୫୦୦ ଗ୍ରାମ୍ କରି ଓ ନିମ୍ବପତ୍ର ୫ କି.ଗ୍ରାକୁ ପେଶି ୧୦ ଲିଟର ଗୋମୂତ୍ରରେ ଗୋଳାଇ ୪-୫ ଥର ଗରମ କରାଯାଏ । ଏହି ମିଶ୍ରଣକୁ ୨୪ ଘଣ୍ଟା ରଖିବା ପରେ କପଡ଼ାରେ ଛାଣି ସମସ୍ତ ପ୍ରକାର ଫସଲରେ ୫୦୦ ମି.ଲିକୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ପତ୍ରକଟା ଓ କାଣ୍ଡବିନ୍ଧା ପୋକ ନିୟନ୍ତ୍ରିତ ହୋଇଥାଏ ।

**ଗୋମୂତ୍ର ଓ ଦହି:**

୧୫-୨୦ ଦିନର ପୁରୁଣା ଦହି ୧ ଲିଟର + ଗାଈ ମୁତ୍ର ୫୦୦ ମି.ଲି. + ପାଣି ୧୫

ଲିଟରରେ ମିଶ୍ରଣ ପ୍ରସ୍ତୁତ କରି ସମସ୍ତ ଫସଲରେ ଶୋଷକ ପୋକଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ ।

**ହାଣ୍ଡି ଖତ:**

ଏହା ବିଭିନ୍ନ ଫସଲର ସମସ୍ତ ପ୍ରକାର ରୋଗପୋକର ନିୟନ୍ତ୍ରଣ ଓ ପ୍ରତିଷେଧକ ବ୍ୟବସ୍ଥା ରୂପେ ବ୍ୟବହୃତ ହୋଇଥାଏ । ଏଥିରେ ଥିବା ଗୋମୂତ୍ର ଓ ଗୋବର ଯୋଗୁଁ ଏହା ଖତ ରୂପେ ଫସଲ ଉତ୍ପାଦନ ବୃଦ୍ଧି କରିଥାଏ ।

ଏକ ମାଟି ହାଣ୍ଡିରେ ଗାଈର ସଜ ଗୋବର ୧ କି.ଗ୍ରା + ଗୋମୂତ୍ର ୨-୫ ଲିଟର + ଦେଶୀ ଗୁଡ଼ ୫୦ ଗ୍ରାମ୍‌କୁ ଭଲ ଭାବେ ଗୋଳାଇ ତହିଁରେ କଞ୍ଚା ନିମ୍ବପତ୍ର, କରଞ୍ଜପତ୍ର ଓ ଅରଖ / କୋଚିଲା ପତ୍ରରୁ ୧ କି.ଗ୍ରା. କରି ପ୍ରତ୍ୟେକରୁ ନେଇ କାଟି ଛେଚି ସେଥିରେ ଗୋଳାଇ ଦିଆଯାଏ । ଏଥିରେ ଆଦୌ ପାଣି ମିଶାଯାଇ ନଥାଏ । ଏହି ଅବସ୍ଥାରେ ହାଣ୍ଡି ଉପରେ ଘୋଡ଼ଣୀ ଦେଇ ୧୦-୧୨ ଦିନ ପର୍ଯ୍ୟନ୍ତ ଛାଇରେ ରଖି ଦିଆଯାଏ । ତାହା ପରେ ହାଣ୍ଡିମୁହଁ ଖୋଲି ସେଥିରୁ ସମସ୍ତ ତରଳ ପଦାର୍ଥକୁ ଛାଣି ପିଆଜ ବସ୍ତାରେ ପ୍ରଥମ ଥର ଛଣାଯାଏ ଓ ପରେ କପଡ଼ାରେ ଛାଣି ରଖାଯାଏ । ଏହି ଔଷଧରୁ ୧ ଭାଗ ସହ ୫୦ ଭାଗ ପାଣି ମିଶାଇ ସିଞ୍ଚନ କରି ସମସ୍ତ ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇଥାଏ । ପ୍ରାୟ ୧୦-୧୨ ଦିନ ଅନ୍ତରରେ ଫସଲର ପ୍ରାଥମିକ ଅବସ୍ଥାରୁ ସିଞ୍ଚନ କଲେ ସୁଫଳ ମିଳିଥାଏ । ଏହାକୁ ୪ ମାସ ଯାଏଁ ଢ଼ାଙ୍କି ଓ ୧୫ ଦିନରେ ଥରେ ଗୋଳାଇ ସାଇତା ରଖାଯାଇପାରିବ ।

**ଜୈବିକ କୃଷିରେ ତୃଣକ ଓ ରୋଗପୋକ ପରିଚାଳନା:**

ଫସଲ ଚାଷରେ ରୋଗପୋକ ଲାଗିବା ସ୍ୱାଭାବିକ । କ୍ଷେତ୍ରୀୟ ଗବେଷଣାରୁ ଜଣାଯାଇଛି ଯେ କୀଟମାନଙ୍କ ଦ୍ୱାରା ୨୦%, ରୋଗ ଯୋଗୁଁ ୨୬%, ଘାସ ଯୋଗୁଁ ୩୩%, ସାଇତା ଶତ୍ରୁମାନଙ୍କ ଯୋଗୁଁ ୭% ଏବଂ ମୂଷା ଓ ଅନ୍ୟାନ୍ୟ କାରଣରୁ ୧୪% ଫସଲ ନଷ୍ଟ ହୋଇଥାଏ । ପୂର୍ବରୁ କୃଷିକ୍ଷେତ୍ରରେ ରୋଗପୋକ ଦାଉରୁ ବିଭିନ୍ନ ବୃକ୍ଷ / ଉଦ୍ଭିଦଜାତ ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କରାଯାଉଥିଲା । ଏବେ ସେହି ପରମ୍ପରାଗତ ପଦ୍ଧତି ଅବଲମ୍ବନ କରିବା ଜରୁରୀ ହୋଇପଡିଛି ।

ଫସଲ ପରିବେଶରେ ବୁଢ଼ିଆଣୀ, କଙ୍କି, ଭଅଁର, ଇନ୍ଦ୍ରଗୋପୀ ଭୃଙ୍ଗ, ସିର୍‌ଫିଡ୍ ମାଛି ଆଦି ଶିକାରୀ ପୋକ ସହିତ ଟ୍ରାଇକୋଗ୍ରାମା, ଚିଲୋନିସ୍, ବ୍ରାକନ୍ ଆଦି ପରାଶ୍ରୟୀ ପୋକ



ଉପଯୁକ୍ତ ରହିଲେ, କ୍ଷତିକାରୀ ରୋଗପୋକ **ଆର୍ଥିକ ଦେହଲୀ ସୀମା** ମଧ୍ୟରେ ରହିଥାଆନ୍ତି ।

**ଏହି ପରିଚାଳନାଗୁଡ଼ିକ ହେଲା - ୧) କୃଷି ପଦ୍ଧତି-** ଖରାଟିଆ ଚାଷ, ପରିଷ୍କାର ଚାଷ, ସଅଳ ବୁଣା / ରୁଆ, ଧାଡ଼ିରେ ଲଗାଇବା, ନିୟନ୍ତ୍ରିତ ଜଳସେଚନ ଓ ନିଷ୍କାସନ, ସୁଷମ ଖାଦ୍ୟସାର ପ୍ରୟୋଗ, ଗଛର କାଣ୍ଡଛାଣ୍ଟ, ସୁସ୍ଥ ବିହନର ବ୍ୟବହାର, ବିଶୋଧନ ଓ ଉପଚାର, ଉପଯୁକ୍ତ ଫସଲ ପର୍ଯ୍ୟାୟ, ଅନ୍ତଃଫସଲ, ଯନ୍ତାଫସଲ, ମିଶ୍ରିତ ଫସଲ ଅବଲମ୍ବନ । ହିଡ଼ କଟି କରି ମୂଳ ଫସଲ ନ ନେବା ଦରକାର ।

**୨) ଭୌତିକ ପଦ୍ଧତି-** ସୌର ବିଶୋଧନ ଓ ତାପ ପ୍ରୟୋଗ ।

**୩) ଯାନ୍ତିକ ପଦ୍ଧତି-** ହାତରେ ତୋଳି ମାରିବା, ରୋଗୀଣା ଓ ପୋକ ଆକ୍ରାନ୍ତ ଗଛ ବାଅଂଶକୁ ଅଲଗା କରିବା, ଖାଇ ପ୍ରସ୍ତୁତି, ଗଛର ଅଗ ଛିଡ଼ାଇବା, ବାଉଁଶ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା, ବିଷଥୋପ, ଆଲୋକ ଯନ୍ତା, ଅଠାଳିଆ ଯନ୍ତା, ଫଳକୁ କାଗଜରେ ଗୁଡ଼ାଇବା, ଛାଦିକରଣ ଇତ୍ୟାଦି ପ୍ରଚଳନ ।

**ଆଲୋକ ଯନ୍ତା (ଲାଇଟ୍ ଟ୍ରାପ୍):**

ଆଲୋକ ପ୍ରତି ସାଧାରଣତଃ ପୋକଗୁଡ଼ିକ ଆକର୍ଷିତ ହୋଇଥାଆନ୍ତି । ଫଳରେ ଯନ୍ତା ତଳେ କିରୋସିନ୍ ମିଶା ପାଣିରେ ବୁଡ଼ି ମରିଯାଆନ୍ତି ।

**ଅଠାଳିଆ ଯନ୍ତା (ଷ୍ଟିକି ଟ୍ରାପ୍):**

ହଳଦିଆ ରଙ୍ଗର ପ୍ଲାଷ୍ଟିକ ଫର୍ଦ୍ଦ ଉପରେ ଅଠା ବୋଳି ଜମିରେ ରଖିଲେ ଜଉପୋକ ଓ ଅନେକ ଉଡ଼ନ୍ତା ପୋକ ଆକର୍ଷିତ ହୋଇ ବା ଉଡ଼ିବା ସମୟରେ ଅଠାରେ ଲାଗି ମରିଯାଆନ୍ତି ।

**ବାଉଁଶ ଯନ୍ତା:**

ସାଧାରଣତଃ ପକ୍ଷୀ ବା ଚଢ଼େଇ ଅନିଷ୍ଟକାରୀ ପୋକର ଅଣ୍ଡା, ଶୂକ ଏବଂ ଗୋଟି ପୋକ ତଥା ପୂର୍ଣ୍ଣାଙ୍ଗ ପୋକକୁ ଖାଇଥାଏ । ପକ୍ଷୀଗୁଡ଼ିକୁ ଆକର୍ଷିତ କରିବା ନିମିତ୍ତ ପୋଲା ବାଉଁଶର ଗଣ୍ଠିର ୩ ସେ.ମି. ଛାଡ଼ି ଉପରକୁ କାଟି ଜମିରେ ମଝିରେ ମଝିରେ ଏକର ପ୍ରତି ଅନ୍ୟୁନ ୪ଟି କରି ପୋତିଦେଲେ ଓ ସେହି ଖୋପରେ ପୋକରା ଅଣ୍ଡା ପୁଞ୍ଜି ରଖିଲେ ଚଢ଼େଇ ଆକର୍ଷିତ ହୋଇ ଅଣ୍ଡାକୁ ଖାଇ ଅନ୍ୟ ପୋକଗୁଡ଼ିକୁ ଖାଇଯାଆନ୍ତି । ରାତ୍ରି ସମୟରେ ପେଚା ବସି ରହି ବିଲ ମୂଷାକୁ ଶିକାର କରିଥାଏ ।

**ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ୍):**

ଏକ ନିର୍ଦ୍ଦିଷ୍ଟ ପୋକର ପୁରୁଷଗୁଡ଼ିକ ସେମାନଙ୍କର ସ୍ତ୍ରୀ ଜାତିର ବାସ୍ନା ପ୍ରତି ଆକର୍ଷିତ ହୋଇଥାଆନ୍ତି । ଏହି ଅନୁଯାୟୀ ବାଇଗଣର ଫଳ ଓ କାଣ୍ଡବିନ୍ଧା ପୋକ, ଧାନର କାଣ୍ଡ ବିନ୍ଧାପୋକ, କପାର ବକରାବିନ୍ଧା ପୋକ ଓ ପତ୍ରଖିଆ ପୋକ, ଫଳମାଛି, ଆଖୁର କାଣ୍ଡବିନ୍ଧା ପୋକ ଆଦିର ପୁରୁଷଗୁଡ଼ିକ ଫେରୋମୋନ୍ ଯନ୍ତା ଦ୍ଵାରା ଆକର୍ଷିତ କରି ମାରି ଦିଆଯାଏ । ଫଳରେ ପୁରୁଷ ପୋକର ଅଭାବ ହେତୁ ସ୍ତ୍ରୀ ପ୍ରଜାପତି / ପୋକର ଅଣ୍ଡା ଦେବା କମିଯାଏ ଓ ବଂଶ ବୃଦ୍ଧି ହୋଇନଥାଏ ।

✦ ଆଲୋକ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା ଓ ପକ୍ଷୀ ଆଶ୍ରୟସ୍ଥଳ ସୃଷ୍ଟି କରି ପୋକ ବଂଶକୁ ବଢ଼ିବାକୁ ଦିଆଯାଇ ନଥାଏ । ✦ ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରି ଧଳାମାଛି ଜନିତ ସାହେବୀ ରୋଗକୁ ନିୟନ୍ତ୍ରଣ କରାଯାଏ । ✦ ବିଭିନ୍ନ ଫସଲରେ କାଣ୍ଡବିନ୍ଧା, ପତ୍ରମୋଡ଼ା, ନଳୀପୋକ, ଓ ଫଳବିନ୍ଧା ପୋକର ନିୟନ୍ତ୍ରଣ ଲାଗି ଟ୍ରାଇକୋଗ୍ରାମା ପରାଶ୍ରୟୀ ଅଣ୍ଡା ଥିବା କାର୍ଡ ଫସଲରେ ବ୍ୟବହାରକରି ପୋକ ନିୟନ୍ତ୍ରଣ କରାଯାଏ । ✦ ଧାନ ବା ଚାଉଳରେ ଶୁଖିଲା ଲଙ୍କା ବା ହଳଦୀଗୁଣ୍ଡ ମିଶାଇ ରଖିବାରେ ଶୁଙ୍ଘାପୋକ ଓ ଅନ୍ୟ ସାଇତା ପୋକ ଲାଗି ନଥାନ୍ତି । ✦ ଶସ୍ୟଜାତୀୟ ଫସଲ ପାଖେ ଗେଣ୍ଡୁ ଗଛ ଲଗାଇଲେ ଛୋଟ ପୋକଗୁଡ଼ିକ ଫସଲ ଠାରୁ ଦୂରେଇ ଯାଇଥାନ୍ତି ।

**୪) ଜୈବିକ ପଦ୍ଧତି:** ପରାଶ୍ରୟୀ ଜୀବ, ପରଭୋଜି ଜୀବ, ଭୂତାଣୁ, ବୀଜାଣୁ, ଫିମ୍ପି, ସୂତ୍ରକୀଟ, ହାଣ୍ଡିଖତ, ନିମ୍ବଜାତ ଔଷଧ, ନିମ୍ବ ପତ୍ରରସ, ଧୂଆଁ ପତ୍ର ରସ ପ୍ରୟୋଗ ।

**୫)** ରୋଗ ପୋକ ସହଣୀ ବିହନର ବ୍ୟବହାର ।

✦ ବୃକ୍ଷଜାତ ପଦାର୍ଥର ବ୍ୟବହାର, ପରାଶ୍ରୟୀ ଓ ପରଭୋଜୀ ପୋକର ବ୍ୟବହାର, ଉପକାରୀ ଜୀବାଣୁ, ଭୂତାଣୁ, ଫିମ୍ପି, କବକ ଆଦିର ପ୍ରୟୋଗ କରିବା ଦରକାର । ଜୈବିକ ପଦାର୍ଥର ପ୍ରୟୋଗ ଦ୍ଵାରା ମୃତ୍ତିକାର ଜଳଧାରଣ କ୍ଷମତାରେ ବୃଦ୍ଧିଘଟି ହାଲୁକା ରହେ ଓ ତହିଁରେ ଉପକାରୀ ଜୀବାଣୁଗୁଡ଼ିକ ଭଲଭାବେ ସହଜରେ ବଢ଼ିଥାଆନ୍ତି ।

✦ ଫସଲରେ ରୋଗପେକ ନିୟନ୍ତ୍ରଣ ପାଇଁ ଫସଲରେ ନିମ୍ବତେଲ, ପିଡ଼ିଆ, କରଞ୍ଜ ପିଡ଼ିଆ, ନିମ୍ବପତ୍ର ଗୁଣ୍ଡ, ନିମ୍ବ ମଞ୍ଜି ଶସ୍ୟରୁ ବାହାରୁଥିବା ପଦାର୍ଥ ବ୍ୟବହାର କରାଯାଏ ।

✦ ଜୀବାଣୁ ବିଷ, ଭୂତାଣୁ ଦ୍ରବଣ, ପରାଶ୍ରୟୀ ଓ ପରଭୋଜୀ କୀଟକୁ ପୋକ ନିୟନ୍ତ୍ରଣ



ଲାଗି ବ୍ୟବହାର କରାଯାଏ ।

✦ ଜୈବିକ ଖତ ଓ ଔଷଧ ଫସଲରେ ପ୍ରୟୋଗ କରିବା ଦ୍ଵାରା ଫସଲ ଉତ୍ପାଦନ ବଢ଼ିବା ସହ ଉତ୍ପାଦନ ଖର୍ଚ୍ଚ କମ୍ ହୋଇଥାଏ ତଥା ଫସଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ରୋଗପୋକ ନିୟନ୍ତ୍ରଣରେ ସହାୟକ ହୋଇଥାଏ ।

✦ ନିମ୍ବ, କରଞ୍ଜି ପିଡ଼ିଆକୁ ମୃତ୍ତିକାରେ ଲଗାତର ୩ ବର୍ଷ ପ୍ରୟୋଗ ପରେ ଦେଖାଯାଇଛି ଯେ ଫସଲରେ ପୋକ ଆକ୍ରମଣ ନ୍ୟୁନତମ ହୋଇଥାଏ । ସେହିପରି ୩ ଦିନ ତଳର ଗାଇ ମୂତ୍ର ସହ ନଗଦ ଗାଇ ଗୋବର ଛଣା ପାଣି ଓ ନିମ୍ବପତ୍ର ସିଝାର ୫% ଦ୍ରବଣ ସିଞ୍ଚନ ଦ୍ଵାରା ପ୍ରାୟ ରୋଗ ନିୟନ୍ତ୍ରଣ ହୋଇଥାଏ ।

✦ ଧାନ ଫସଲରେ ଜୀବାଣୁଜନିତ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ ଲାଗି ଛଣା ହୋଇଥିବା ଗୋବର ପାଣି ଫସଲରେ ସିଞ୍ଚନ କରାଯାଏ ।

✦ ଜୈବ କୀଟନାଶକ ଯଥା- ହାଣ୍ଡିଖତ, ପଞ୍ଚଗବ୍ୟ, ଅମୃତ ପାଣି, ଜୀବାମୃତ, ବୀଜାମୃତ, ଗୋମୂତ୍ରକୁ ଫସଲରେ ଜଳ ସହ ମିଶାଇ ପ୍ରଥମରୁ ପ୍ରୟୋଗ କଲେ ଫସଲରେ ରୋଗପୋକ ସଂକ୍ରମଣ କମ୍ ହୋଇଥାଏ ।

✦ ଜୈବ କୀଟନାଶକ ଯଥା- ବି.ଟି ସୁଡୋମୋନାସ୍ ଜୀବାଣୁ ଓ ଟ୍ରାଇକୋଡର୍ମା ବ୍ୟବହାର କରି ରୋଗପୋକ ନିୟନ୍ତ୍ରଣ କରାଯାଇଥାଏ । **ବି.ଟି. ଜୀବାଣୁ-** ବିଭିନ୍ନ ଫସଲରେ ପତ୍ରମୋଡ଼ା ପୋକ, ଫଳବିନ୍ଧା ପୋକ, ନାଲି ସଂବାଳୁଆ, ପତ୍ରଖିଆ ପୋକ ଆଦିକୁ ଏବଂ **ଟ୍ରାଇକୋଡର୍ମା ଫିମ୍ପି-** ଝାଉଁଳା, ଚେରସଢ଼ା, ମୂଳ ସଢ଼ା, ଘାରିକଟା, ବେକ ପଚା, ଟିକା ଆଦି ରୋଗକୁ ସଫଳତାର ସହ ନିୟନ୍ତ୍ରଣ କରିଥାଏ । ବି.ଟି. ଜୀବାଣୁର ୨ମି.ଲି, ଲିଟର ପାଣି ପ୍ରତି ଓ ଟ୍ରାଇକୋଡର୍ମା ଫିମ୍ପିର ୫ ଗ୍ରାମ ଲିଟର ପାଣି ପ୍ରତି ମିଶାଇ ଫସଲରେ ସିଞ୍ଚନ କରାଯାଏ ।

✦ ଟ୍ରାଇକୋଡର୍ମାର ପ୍ରୟୋଗ **ବିହନ ବିଶୋଧନ, ଚାରା ବିଶୋଧନ** (୫ଗ୍ରାମ୍ ଟ୍ରାଇକୋଡର୍ମା ସହ ୨୦ ମି.ଲି. ପାଣି ଦ୍ରବଣରେ ୧ କି.ଗ୍ରା. ବିହନ ବା ଚାରାକୁ ବୁଣିବା ବା ଲଗାଇବା ପୂର୍ବରୁ), **ନର୍ସରୀ ବିଶୋଧନ** (୨୫୦ଗ୍ରାମ୍ ଟ୍ରାଇକୋଡର୍ମା + ୨ କି.ଗ୍ରା. ଖତକୁ ୪୦୦ ବର୍ଗମିଟର ତଳିଘରା ମାଟିରେ ମିଶାଇ ଜଳସେଚନ), **ମୃତ୍ତିକାରେ ପ୍ରୟୋଗ** (୧ କି.ଗ୍ରା. ଟ୍ରାଇକୋଡର୍ମା + ୨୫ କି.ଗ୍ରା. କମ୍ପୋଷ୍ଟ ଖତକୁ ୧ ଏକର ଜମିରେ ବିଞ୍ଚି ଜଳସେଚନ), **ପତ୍ର ସିଞ୍ଚନ** (୧.୩କି.ଗ୍ରା. ଟ୍ରାଇକୋଡର୍ମା + ୨୦୦ ଲିଟର ପାଣିର ଦ୍ରବଣକୁ

ଫସଲରେ ସିଞ୍ଚନ) ଆକାରରେ କରାଯାଏ ।

✦ ସେହିପରି ସୁଡୋମୋନାସ୍ ବୀଜାଣୁର ୫ ଗ୍ରାମ୍ / ୨୦ମି.ଲି. ପାଣିରେ ମିଶାଇ ୧କି.ଗ୍ରା. ପ୍ରତି ବିହନର ବିଶୋଧନ ଓ ୧.୫ କି.ଗ୍ରା + ୨୫ କି.ଗ୍ରା. କମ୍ପୋଷ୍ଟକୁ ୧ ଏକର ଜମିରେ ପ୍ରୟୋଗ କରି ରୋଗ ନିୟନ୍ତ୍ରଣ କରାଯାଇଥାଏ ।

**ଦେଶୀୟ ପଦ୍ଧତି ଦ୍ୱାରା ରୋଗପୋକ ନିୟନ୍ତ୍ରଣ-**

✦ ନାଲିମାଟି - ଝୁଡଙ୍ଗ, ବରଗୁଡ଼ି, ଲଙ୍କା, ହରଡ଼ ପ୍ରଭୃତିକୁ ନାଲିମାଟି (ଉଇ ହୁଙ୍କା ମାଟି ହେଲେ ଭଲ) ଲେପ ଦେଇ ଲଗାଇଲେ ରୋଗ, ପୋକ ନିରୋଧ ହେବା ସଙ୍ଗେ ସଙ୍ଗେ ଭଲ ଅମଳ ମିଳିଥାଏ । ✦ ଲେମ୍ବୁ ରସ- ୧୫୦ମି.ଲି., ଲେମ୍ବୁ ରସ ସହ ୧୫୦ ମି.ଲି. ତେନ୍ତୁଳି ରସରେ ୧୫ ଲିଟର ପାଣି ମିଶାଇ ପନିପରିବା ଫସଲରେ ସିଞ୍ଚନ କଲେ ସଂବାଲୁଆ ଦୂରେଇ ଯାଆନ୍ତି । ✦ ନିମ୍ବପତ୍ର- ୧୦୦ଗ୍ରାମ ନିମ୍ବପତ୍ରରୁ ରସ ବାହାର କରି ୧ ଲିଟରରେ ପାଣି ମିଶାଇ ସିଞ୍ଚନ କଲେ ପନିପରିବାର ପତ୍ରମୋଡା ରୋଗ ଭଲ ହୁଏ । ✦ ତୁଳସୀପତ୍ର- ୧୦୦ଗ୍ରାମ ତୁଳସୀପତ୍ର, ୧ ଲିଟର ପାଣି, ୧୦ ମି.ଲି. ସାବୁନ ପାଣି ମିଶାଇ ପନିପରିବାର ପତ୍ରମୋଡ଼ା ରୋଗ ଓ ବିଭିନ୍ନ ଫସଲର ପତ୍ରକଟା, ଫଳମାଛି ଓ ନାଲିକତି ପୋକ, ସୂତ୍ରକୀଟ ଆଦି ନିୟନ୍ତ୍ରିତ ହୋଇଥାଏ । ✦ ଘୋଳ ଦହି - ୧ ଲିଟର ଘୋଳ ଦହିକୁ ୧୫-୨୦ ଦିନ ପଚନ କରି ତାହାପରେ ୨୦ ଲିଟର ପାଣି ମିଶାଇ ବାଇଗଣ, ଲଙ୍କା, ଆଳୁ ଫସଲରେ ସିଞ୍ଚନ କରିବା ଦ୍ୱାରା ପତ୍ରମୋଡା ରୋଗ ଦୂରେଇ ଯାଏ । ✦ ଆତପତ୍ର- ୧ କି.ଗ୍ରା. ଆତ ପତ୍ରକୁ ରାତିରେ ୯ ଲିଟର ପାଣିରେ ମିଶାଇ ସକାଳୁ ଭଲ ଭାବେ ୧ ହାତରେ ଚକଟି ଉକ୍ତ ମିଶ୍ରଣକୁ ଉଇ ଆକ୍ରମଣ ଫସଲ ଓ ଉଇ ସ୍ଥାନରେ ସିଞ୍ଚନ କଲେ ଉଇ ସେ ସ୍ଥାନ ଛାଡ଼ି ଚାଲିଯାଆନ୍ତି । ✦ ଅରଖପତ୍ର- ୫ କି.ଗ୍ରା. ଅରଖ ପତ୍ରକୁ ୧୫ ଲିଟର ପାଣିରେ ୨୪ଘଣ୍ଟା ଭିଜାଇ ତାହାକୁ ଛାଣିବା ପରେ ଉଇ ଲାଗିଥିବା ସ୍ଥାନରେ ପ୍ରୟୋଗ କଲେ ଉଇମାନେ ସେ ସ୍ଥାନ ଛାଡ଼ି ଯାଆନ୍ତି । ✦ ଫଳ ଓ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ- ଶୁଖିଲା ଲଙ୍କା ୪୦୦ ଗ୍ରାମ୍ + ରସୁଣ ୪୦୦ ଗ୍ରାମକୁ ଭଲ ଭାବେ ବାଟି ୨୦୦ ଲିଟର ପାଣିରେ ମିଶାଇ ଛାଣି ଫସଲରେ ସିଞ୍ଚନ କରାଯାଏ । ✦ ବାଇଗଣ ଓ ଝୁଡଙ୍ଗ ଫସଲରେ ଅଧିକ ଫୁଲ ଓ ଫଳ ଆସିବା ନିମନ୍ତେ ୧୦୦ ଗ୍ରାମ ଜୁଆଣୀକୁ ବାଟି ପାଣିରେ ଗୋଳାଇ ଛାଣି ୧୫ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରାଯାଏ । ✦ ଗନ୍ଧିପୋକ ଧାନ କେଣ୍ଡାରୁ କ୍ଷୀର ଶୋଷି ନେଇଥାନ୍ତି । ତାହାର ନିୟନ୍ତ୍ରଣ ପାଇଁ ଗେଣ୍ଡାକୁ ଛେଚି ୨ ଦିନ



ପଚିଲା ପରେ କପଡ଼ାରେ ବାନ୍ଧି କେଣ୍ଡା ଉପରେ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଏକର ପ୍ରତି ୪-୫ଟି ସ୍ଥାନରେ ବାଡ଼ିରେ ଟଙ୍ଗାଇ ଦିଆଯାଏ । ଗନ୍ଧିପୋକ ଆକୃଷ୍ଟ ହୋଇ ରସ ଶୋଷି ଖାଇଲେ ତାହାର ଶୁଣ୍ଢ ଅକାମୀ ହୋଇଯାଏ । ✦ ୫୦୦ ଗ୍ରାମ ବଜ ଗୁଣ୍ଡକୁ ୧୦ ଲିଟର ଗୋମୂତ୍ରରେ ମିଶାଇ ୩ଦିନ ରଖିବ ତା'ପରେ ୯୦ ଲିଟର ପାଣିର ଦ୍ରବଣକୁ ଫସଲରେ ସିଞ୍ଚନ କରିବା ଦ୍ୱାରା ସମସ୍ତ ଫସଲର ଜଉପୋକ ନିୟନ୍ତ୍ରିତ ହୋଇଥାଏ । ✦ ଜଉ, ଉକୁଣିଆ ଓ ଧଳା ମାଛି କୀଟର ନିୟନ୍ତ୍ରଣ ନିମନ୍ତେ ବେଗୁନିଆ ପତ୍ର ୨ କି.ଗ୍ରା + ଶୁଖିଲା ଲଙ୍କା ୧୦ ଗ୍ରାମକୁ ୨୫୦ ମି.ଲି. ପାଣି ସହ ବାଟି ୧୦ ଲିଟର ପାଣିରେ ମିଶାଇ କିଛି ସମୟ ରଖି ଛାଣି ଦେଇ ସନ୍ଧ୍ୟା ସମୟରେ ଫସଲରେ ସିଞ୍ଚନ କରାଯାଏ ।

**ପରମ୍ପରାଗତ କୃଷି ବିକାଶ ଯୋଜନା (ପି.କେ.ଭି ୱାଇ):**

ଏହି ଯୋଜନା ହେଉଛି ଏକ କେନ୍ଦ୍ରୀୟ ଯୋଜନା, ଯାହାକି ଚିରନ୍ତନ କୃଷି ମିଶନ ଅନ୍ତର୍ଭୁକ୍ତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନାର ଏକ ଅଂଶ ବିଶେଷ । ଏହାର ମୂଳ ଲକ୍ଷ୍ୟ ହେଉଛି ଜୈବିକ କୃଷିର ପ୍ରସାର ସହ ଜୈବିକ ଗ୍ରାମ ସୃଷ୍ଟି କରିବା । ତୃତୀୟପକ୍ଷ ଜୈବିକ ପ୍ରମାଣନ ଖର୍ଚ୍ଚ ବହୁତ ଅଧିକ ହେଉଥିବାରୁ ଆମ ଦେଶ ତଥା ରାଜ୍ୟରେ ଜୈବିକ ଉତ୍ପାଦର ଚାହିଦା ବଢ଼ିପାରୁ ନାହିଁ । ତେଣୁ କମ୍ ଖର୍ଚ୍ଚ ଓ ସରକାରୀ ସହାୟତାରେ ପ୍ରତିଶ୍ରୁତିଯୁକ୍ତ ସହଯୋଗ ବ୍ୟବସ୍ଥା (ପି.ଜି.ଏସ୍.) ମାଧ୍ୟମରେ ଜୈବିକ ପ୍ରମାଣନ କରି ଜୈବିକ ଉତ୍ପାଦଗୁଡ଼ିକର ଚାହିଦା ବଢ଼ାଇବା ହେଲା ଏହାର ପ୍ରକୃତ ଉଦ୍ଦେଶ୍ୟ । ଆମ ରାଜ୍ୟରେ ଏହି ଯୋଜନା ୨୦୧୭-୧୮ ବର୍ଷରୁ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ରାଜ୍ୟର ୧୦ଟି ଜିଲ୍ଲା ଯଥା- ଖୋର୍ଦ୍ଧା, ନୟାଗଡ଼, କଟକ, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ରେ ପ୍ରାରମ୍ଭିକ ଅବସ୍ଥାରେ ଏହି କୃଷି ଯୋଜନା ଆଗେଇ ଚାଲିଛି । ଏକ ଚକ ବା ପୁଞ୍ଜ (କ୍ଲଷ୍ଟର) ୫୦ ଏକର । ଏହିପରି ୩୨୦ଟି ପୁଞ୍ଜ ମୋଟ ୧୬,୦୦୦ ଏକର ହାତକୁ ନିଆଯାଇଛି । ଏକ ପୁଞ୍ଜରେ ୧୪ ଲକ୍ଷ ୯୫ହଜାର ଟଙ୍କାର ଆର୍ଥିକ ସୀମା ମଧ୍ୟରେ ବିଭିନ୍ନ ଜୈବିକ ଚାଷ କାର୍ଯ୍ୟଧାରା ସ୍ଥିର କରାଯାଇଛି । ଜମିକୁ ଅଜୈବିକରୁ ଜୈବିକକୁ ରୂପାନ୍ତରିତ କରିବାକୁ ୩ ବର୍ଷ ସମୟସୀମା ରହିଛି । ଏହି ଯୋଜନା ମାଧ୍ୟମରେ ଅଗ୍ରାଧିକାର ଦିଆଯାଉଥିବା କାର୍ଯ୍ୟଗୁଡ଼ିକ ହେଲା- ଅଳ୍ପ ଖର୍ଚ୍ଚରେ ଜୈବିକ ଉତ୍ପାଦର ପ୍ରମାଣନ କରାଇ ବିକ୍ରିବଟା ଉପରେ ଗୁରୁତ୍ୱ, କୃଷକମାନଙ୍କର ଆୟ ବଢ଼ାଇ ବେପାରୀମାନଙ୍କ ଦ୍ୱାରା ଜୈବିକ ପଦାର୍ଥର ବଜାର ସୃଷ୍ଟି ଏବଂ ପ୍ରାକୃତିକ ସମ୍ବଳର ବିନିଯୋଗ କରି ଫସଲ ଉତ୍ପାଦନ ନିମନ୍ତେ ସମସ୍ତ ପୋଷକ ଓ

ରୋଗପୋକନାଶକ ପ୍ରସ୍ତୁତି କରି ତାହାର ଉପଯୋଗ ।

ଏହି କୃଷି ଯୋଜନା ମାଧ୍ୟମରେ ଏକ ୫୦ଏକରିଆ ଚକ ବାଛି ତହିଁରେ ସମସ୍ତ ଜମିମାଲିକ ଥିବା କୃଷକମାନଙ୍କୁ ନେଇ ଗୋଟିଏ ସ୍ଥାନୀୟ ଗୋଷ୍ଠୀ ଗଠନ କରି ଜଣକୁ ପ୍ରଗତିଶୀଳ କୃଷକ (ଏଲ.ଆର.ପି.) ଭାବେ ଚିହ୍ନଟ କରାଯାଏ । ଅନ୍ତର୍ଭୁକ୍ତ ଥିବା ସମସ୍ତ କୃଷକମାନଙ୍କୁ ଜୈବିକ କୃଷି ଅଞ୍ଚଳକୁ ବୁଲାଇ ନେଇ ପି.ଜି.ଏସ୍. ବିଷୟରେ ପ୍ରଶିକ୍ଷଣ ଦିଆଯାଏ । କୃଷକମାନଙ୍କୁ ଅନ୍‌ଲାଇନ୍‌ରେ ପଞ୍ଜିକୃତ କରାଇବା ସହ ମାଟି ଓ ଜୈବ ଉତ୍ପାଦର ପରୀକ୍ଷା କରାଯାଏ । ଜୈବ ସାର ଓ ଜୈବ କୀଟନାଶକ, ଫିମ୍ପିନାଶକ ଆଦିର ପ୍ରସ୍ତୁତି ଓ ବ୍ୟବହାର ସମ୍ବନ୍ଧରେ ବହୁଳ ଭାବେ ପ୍ରଚାର ଓ ପ୍ରସାର କରାଯାଏ । ସଦସ୍ୟମାନଙ୍କୁ ନେଇ 'ସାମର୍ଥ୍ୟ ସମୀକ୍ଷା ଗୋଷ୍ଠୀ' ଓ 'ଜୈବିକ ବିହନ ଉତ୍ପାଦକ ଗୋଷ୍ଠୀ' ଗଠନ କରାଯାଏ । ଯେଉଁଥିରେ କୃଷି ଅଧିକାରୀ ଓ କେତେଜଣ ଖାଉଟିଙ୍କୁ ଅନ୍ତର୍ଭୁକ୍ତ କରାଯାଏ । ଜୈବିକ ହାଟ ଓ ଅନ୍ୟ ପ୍ରଦର୍ଶନୀ ବା ମେଳାରେ ଭାଗ ନେଇ ଜୈବ ଉତ୍ପାଦର ଚାହିଦା ବଢ଼ାଇବା ଜରୁରୀ ।

ଏହି ପ୍ରତିଶ୍ରୁତିଯୁକ୍ତ ସହଯୋଗ ବ୍ୟବସ୍ଥାରେ କୃଷକ ନିଜ ଇଚ୍ଛାରେ ଅଂଶଗ୍ରହଣ କରିଥାଏ ଏବଂ ଏଥିରେ କୃଷକ ଖାଉଟି ଓ ବେପାରୀ ସମସ୍ତେ ଉପକୃତ ହୋଇଥାନ୍ତି । ପି.ଜି.ଏସ୍. ବ୍ୟବସ୍ଥାରେ କୃଷକମାନେ ଜୈବିକ ଚାଷର ଜ୍ଞାନକୌଶଳ ସିଧାସଳଖ ପାଉଥିବାରୁ ଚାଷ କାର୍ଯ୍ୟ ସହଜରେ କରାଯାଇପାରେ । ଗୋଷ୍ଠୀର ସମସ୍ତ ସଦସ୍ୟମାନେ ସମସ୍ତଙ୍କର ଚାଷ କାର୍ଯ୍ୟ ସମୀକ୍ଷା କରିଥାଆନ୍ତି । ବିନା ମଧ୍ୟସ୍ଥିରେ ଖାଉଟି ସିଧାସଳଖ କୃଷକମାନଙ୍କ ଠାରୁ ଉଚିତ ଓ କମ୍ ଦରରେ ଉତ୍ପାଦ କିଣିଥାଆନ୍ତି । ଗୋଷ୍ଠୀର ପ୍ରତି କୃଷକ ସଦସ୍ୟ ଜୈବିକ ପ୍ରମାଣପତ୍ର ପାଉଥିବାରୁ ମୁକ୍ତ ଭାବେ କୃଷି ଉତ୍ପାଦ ବିକ୍ରି କରିପାରି ନିଜ ଉତ୍ପାଦନର ସଠିକ୍ ମୂଲ୍ୟ ପାଇଥାଆନ୍ତି । ଜଣେ କୃଷକ ଜୈବିକ ପ୍ରମାଣପତ୍ର ପାଇବା ପାଇଁ ଗୋଷ୍ଠୀ ସଭା ଓ କ୍ଷେତ୍ର ଦିବସ ତାଲିମ୍‌ରେ ଭାଗ ନେବା, ଜୈବିକ କୃଷି କରିବା ନିମନ୍ତେ ଶପଥ ପତ୍ର ଦେବା ଓ ସାମର୍ଥ୍ୟ ସମୀକ୍ଷା ଫଳ ଠିକ୍ ଥିବା ଆବଶ୍ୟକ । ଏହି ପି.ଜି. ଏସ୍. ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଜୈବିକ ଉତ୍ପାଦନର ଜାତୀୟ କାର୍ଯ୍ୟକ୍ରମ (ଏନ୍.ପି.ଓ.ପି.)ର ମାନକଙ୍କୁ ଗ୍ରହଣ କରିଥାଏ ।

ପି.କେ.ଭି.ୱାଇରେ ଅନ୍ତର୍ଭୁକ୍ତ ହୋଇଥିବା ଏକ ପୁଞ୍ଜ (୫୦ ଏକର ବିଶିଷ୍ଟ)ର କୃଷକମାନଙ୍କୁ ନିମ୍ନମତେ ସରକାରୀ ସହାୟତା ମିଳିଥାଏ ।

**୧) ଜୈବିକ ନିବେଶ କ୍ରୟ ଓ ପ୍ରସ୍ତୁତି ନିମନ୍ତେ – କ)** ଜମି ପରିବର୍ତ୍ତନ, ତଳିଘରା ପ୍ରସ୍ତୁତି, ଜୈବିକ ଯବକ୍ଷାରଜାନ ଅମଳ, ପ୍ରାକୃତିକ ରୋଗପୋକ ନିୟନ୍ତ୍ରଣ, ତରଳ ଜୈବିକ



ସାର, ତରଳ ଜୈବ କୀଟନାଶକ, ଫସ୍‌ଫରସ୍ ସମୃଦ୍ଧ ଜୈବିକ ଖତ ଆଦିର କ୍ରୟ ବାବଦେ ଏକର ଓ ବର୍ଷ ପ୍ରତି ୩୦୦୦ ଟଙ୍କା କରି ୩ ବର୍ଷ ଓ ମୋଟ ୪.୫ ଲକ୍ଷ ଟଙ୍କା, ଖ) ଜିଆଖତ ଓ ଅନ୍ୟାନ୍ୟ ଖତ ପ୍ରସ୍ତୁତିରେ ଏକର ଓ ପ୍ରଥମ ବର୍ଷ ପାଇଁ କେବଳ ୨୦୦୦ ଟଙ୍କା କରି ମୋଟ ୧ ଲକ୍ଷ ଟଙ୍କା, ଗ) ବିହନ ଉତ୍ପାଦନ ଓ ସାଇତା ଗୃହ ନିମନ୍ତେ ୧ ଏକର ପ୍ରଥମ ବର୍ଷ ଓ ମୋଟ ୩ ବର୍ଷ ଲାଗି ୩୦୦୦ ଟଙ୍କା କରି ମୋଟ ୧.୫ ଲକ୍ଷ ଟଙ୍କା, **୨) କୃଷି ଯନ୍ତ୍ରପାତି ଓ ସୟଳ ଭଡ଼ା ନିମନ୍ତେ-** ସମୁଦାୟ ୩ ବର୍ଷ ଲାଗି ୯୦,୦୦୦ ଟଙ୍କା **୩) ଗୋଷ୍ଠୀ ଉତ୍ପାଦିତ ଜୈବିକ ଉତ୍ପାଦର ପ୍ୟାକିଙ୍ଗ, ଲେଭେଲିଙ୍ଗ ଓ ବ୍ରାଣ୍ଡିଂ-** କ) ପ୍ୟାକିଙ୍ଗ୍ ପାଇଁ ବ୍ୟବହୃତ ଦ୍ରବ୍ୟ ଓ ହେଲୋଗ୍ରାମ୍ ଛପା ପାଇଁ ମୋଟ ୧.୨୫ ଲକ୍ଷ ଟଙ୍କା, ଖ) ଜୈବିକ ଉତ୍ପାଦର ପରିବହନ ପାଇଁ ୨ୟ ବର୍ଷରେ ଓ ମୋଟ ୧.୨୦ ଲକ୍ଷ ଟଙ୍କା, ଗ) ଜୈବିକ ମେଳା ପାଇଁ ୨ୟ ବର୍ଷ ଓ ମୋଟ ୩୬,୩୩୦ ଟଙ୍କା, **୪) ଗୋଷ୍ଠୀଭିତ୍ତିକ ପି.ଜି.ଏସ୍. ଜୈବିକ ପ୍ରମାଣନ ନିମନ୍ତେ-** କ) କୃଷକମାନଙ୍କର ସଭା ଓ ଆଲୋଚନା କାର୍ଯ୍ୟକ୍ରମ ପାଇଁ ମୋଟ ୧୦,୦୦୦ ଟଙ୍କା, ଖ) ଗୋଷ୍ଠୀ ସଭ୍ୟମାନଙ୍କର ଜିଲ୍ଲାସ୍ତରୀୟ ଜୈବ କ୍ଷେତ୍ର ପରିଭ୍ରମଣ ପାଇଁ ମୋଟ ୨୦,୦୦୦ ଟଙ୍କା, ଗ) ଗୋଷ୍ଠୀ ସଭ୍ୟମାନଙ୍କର ଅନ୍ୟ ଜିଲ୍ଲାରେ ଜୈବ କୃଷି ତାଲିମ୍ ପାଇଁ ୮୦୦ ଟଙ୍କା କୃଷକ ପ୍ରତି ମୋଟ ୧.୨ ଲକ୍ଷ ଟଙ୍କା, **୫) ପି.ଜି.ଏସ୍. ଜୈବ ପ୍ରମାଣନ ଏବଂ ମାନ ନିୟନ୍ତ୍ରଣ ନିମନ୍ତେ-** କ) ୨ ଦିନିଆ ପି.ଜି.ଏସ୍. ପ୍ରମାଣନ ତାଲିମ୍ କାର୍ଯ୍ୟକ୍ରମ ପାଇଁ ମୋଟ ୪୦୦ ଟଙ୍କା (ଏଲ୍.ଆର୍.ପି.ଙ୍କୁ), ଖ) ପ୍ରଶିକ୍ଷକମାନଙ୍କର ତାଲିମ ୩ ଦିନ ପାଇଁ ମୋଟ ୭୫୦ ଟଙ୍କା, ଗ) କୃଷକମାନଙ୍କର ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ ମୋଟ ୧୦,୦୦୦ ଟଙ୍କା, ଘ) ମୃତ୍ତିକା ନମୁନା ସଂଗ୍ରହ ଓ ପରୀକ୍ଷା ପାଇଁ (୧୯୦ ଟଙ୍କା ନମୁନା ପ୍ରତି), ମୋଟ ୧୧,୯୭୦ ଟଙ୍କା, ଙ) ଜୈବିକ ପ୍ରଣାଳୀକୁ ପରିବର୍ତ୍ତନ ପାଇଁ ବ୍ୟବହୃତ ନିବେଶ, ଫସଲ ପର୍ଯ୍ୟାୟ, ଜୈବିକ ଖତ ଓ ସାର ବ୍ୟବହାର ପ୍ରଣାଳୀର ଲିଖିତ ପ୍ରମାଣ ରଖିବା ପାଇଁ ମୋଟ ୧୫,୦୦୦ ଟଙ୍କା, ଚ) ଗୋଷ୍ଠୀ ସଦସ୍ୟମାନଙ୍କର ୩ ଜଣ କରି କ୍ଷେତ୍ର ପରିଦର୍ଶନରେ ୩ ବର୍ଷ ପାଇଁ ମୋଟ ୩,୬୦୦ ଟଙ୍କା, ଛ) ଏନ୍.ଏ.ବି.ଏଲ୍. ଗବେଷଣାଗାରରେ ନମୁନାରେ ଅବଶେଷ ବିଶ୍ଳେଷଣ ପାଇଁ ମୋଟ ୧.୬ ଲକ୍ଷ ଟଙ୍କା, ଜ) ପ୍ରମାଣନ ମୂଲ୍ୟ- ମୋଟ ୨,୦୦୦ ଟଙ୍କା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ମୋଟ ୧୪.୯୫ ଲକ୍ଷ ଟଙ୍କାର ସରକାରୀ ସହାୟତା ଧାର୍ଯ୍ୟ କରାଯାଇଛି ।

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ହେଲେ ଆବଶ୍ୟକ ଯୋଗ୍ୟତା- ଅଧିକତମ ସର୍ବାଧିକ ସହାୟତା କୃଷକ ପ୍ରତି ୨.୫ ଏକର ନିମିତ୍ତ ଓ ପରମ୍ପରାଗତ କୃଷି ବିକାଶ ଯୋଜନାରେ ଚକରେ ଅନ୍ତର୍ଭୁକ୍ତ ହେବା ବାଧ୍ୟତାମୂଳକ ରହିଛି । ଆଗ୍ରହୀ କୃଷକମାନଙ୍କୁ

ଜିଲ୍ଲାସ୍ତରୀୟ ଉପକୃଷି ନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମାଙ୍କ ନିକଟରେ ଆବଶ୍ୟକୀୟ ନଥିପତ୍ର ଯଥା ଆଧାରକାର୍ଡ, ଜମି ପ୍ରମାଣପତ୍ର, କୃଷକ ପଞ୍ଜିକରଣ ସଂଖ୍ୟା ସହ ଆବେଦନ କରିବା ଦରକାର । ଏହି ୩ ବର୍ଷିଆ ଯୋଜନାରେ କୃଷକମାନଙ୍କୁ ତାଲିମ ଓ ପରିଭ୍ରମଣ ମାଧ୍ୟମରେ ଜୈବିକ କୃଷି ପ୍ରତି ସଚେତନ ଓ ଆଗ୍ରହ ସୃଷ୍ଟି କରାଯାଉଛି । ସରକାରୀ ସହାୟତା ବିଭିନ୍ନ ଉପାଦାନ ଓ ପଦକ୍ଷେପରେ ପ୍ରଦାନ କରାଯାଇ ଜୈବିକ ମେଳା ଓ ବଜାର ସୃଷ୍ଟି କରି ସାମୂହିକ ସ୍ତରରେ ଅଧିକ କ୍ରିୟାଶୀଳ ହେବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରଚେଷ୍ଟା କରାଯାଉଛି । ବ୍ଲକସ୍ତରୀୟ କୃଷି ଅଧିକାରୀଓ କର୍ମଚାରୀମାନେ ଏ ଦିଗରେ ବିଶେଷ ସହାୟକ ହୋଇପାରିବ । କୃଷକମାନେ ଘରୋଇ ଜୈବ ଉତ୍ପାଦର ଉଚିତ୍ ଓ ଅଧିକ ମୂଲ୍ୟ ପାଇବା ଦ୍ୱାରା ସେମାନଙ୍କର ରୋଜଗାର ଦ୍ୱିଗୁଣ ହେବାର ସମ୍ଭାବନା ସୃଷ୍ଟି ହେବା ସହ ଅନିୟମିତ ଜଳବାୟୁ ସହ ତାଳମେଳ ରଖି ଉତ୍ତମ ଓ ସୁସ୍ଥ ପରିବେଶରେ ପ୍ରାଣୀ ଓ ମନୁଷ୍ୟର ଜୀବନଧାରଣର ମାନ ଉନ୍ନତ ହୋଇପାରିବ ।

ଆମ ରାଜ୍ୟରେ ଜୈବିକ କୃଷିରେ କେବଳ ଜିନୀୟ ରୂପାନ୍ତରିତ (ଜି.ଏମ୍.) ଫସଲକୁ ଛାଡ଼ି ସମସ୍ତ ପ୍ରକାରର ଫସଲ ଓ ଉଦ୍ୟାନ କୃଷି ଚାଷ କରାଯାଇପାରିବ । ଶସ୍ୟଜାତୀୟ ଫସଲ ମଧ୍ୟରେ ବାସୁବତୀ ଓ ଦେଶୀ / ଅଧିକ ଅମଳକ୍ଷମ ଧାନ, ମାଣ୍ଡିଆ ଓ ଅନ୍ୟ ମୋଟା ଶସ୍ୟ, ବାଜରା, ଜୋଆର ଚାଷ କରାଯାଇଥାଏ । ବାସୁମତୀ ଧାନ ଚାଷରେ ରୋଗପୋକ କମ୍ ହୋଇ ଚାଉଳ ଅଧିକ ବାସନା ଓ ଗୁଣବତ୍ତା ବିଶିଷ୍ଟ ହୋଇଥାଏ । ଜୈବିକ ପନିପରିବାର ଚାହିଦା ଅଧିକ ଥିବାରୁ ଚାଷ ଭଲ ରୋଜଗାର କରିଥାଏ ।

ତେବେ ଜୈବିକ କୃଷି କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଯତ୍ନବାନ ଓ ଧ୍ୟାନ ଦେବା ଆବଶ୍ୟକ । ଯଥା- ଜୈବ ବିବିଧତା ରକ୍ଷା, ପ୍ରାଣୀଓ ପକ୍ଷୀପାଳନ, ମାଛ ଚାଷ, ମହୁ ଚାଷ, ପ୍ରାକୃତିକ ବାସସ୍ଥାନ ପରିଚାଳନା, ପ୍ରଦୂଷଣ ନିୟନ୍ତ୍ରଣ, ମୃତ୍ତିକା ଓ ଜଳ ସଂରକ୍ଷଣ, ଉତ୍ତମ ବିହନ ଓ ଚାରା ସଂଗ୍ରହ, ମୃତ୍ତିକାର ଉର୍ବରତା ବୃଦ୍ଧି, ରୋଗପୋକ ପରିଚାଳନା, ଘାସ ଓ ଜଳ ପରିଚାଳନା ଓ ବିନିଯୋଗ, ଯନ୍ତ୍ରପାତି ଓ ଜୈବ ଉତ୍ପାଦ ସାଇତା, ଖାଦ୍ୟ ପ୍ରକ୍ରିୟାକରଣ, ପ୍ୟାକିଙ୍ଗ୍ ଓ ଲେବୁଲ୍ ଲଗାଇବା, ଜୈବ ଉତ୍ପାଦର ପରିବହନ ଇତ୍ୟାଦି ।
























